ନଂ 254
17

# କଳାପାନ ବିବି

(ଡିଟେକ୍‌ଟିଭ ଉପନ୍ୟାସ)

ଶ୍ରୀ ଉମେଶଚନ୍ଦ୍ର ପାତ୍ର

ପ୍ରକାଶକ
ଓଡ଼ିଶା ଜଗନ୍ନାଥ କମ୍ପାନୀ
ବାଲୁବଜାର, କଟକ—୨

ପ୍ରକାଶ ପରିଚାଳନା—
ଶ୍ରୀ ରଣଜିତ୍ ସିଂହ ବି. ଏ. (ଅନର୍ସ), ଡି. ଇଡ୍,

ମୁକ୍ତିଲାଭ ଜୟନ୍ତୀ—ଦୋଳ, ୧୯୫୨

| | | |
|---|---|---|
| ସଂଖ୍ୟା | — | ୧୦୦୦ |
| ମୁଦ୍ରଣ | — | ପ୍ରଥମ |
| ଚିତ୍ରକର | — | ଶ୍ରୀ ଶ୍ରୀନାଥ ଗୁଠଙ୍କି |
| ମୂଲ୍ୟ | — | ଦଶଅଣା ମାତ୍ର |

ମୁଦ୍ରାକର—
ଶ୍ରୀ ବିଶ୍ୱନାଥ ନାୟକ
ସିଟୀ ପ୍ରେସ, ଫିରିଙ୍ଗି ବଜାର କଟକ—୨

(୧)

କଳାପାନ ବିବି—ପଚାଶ ହଜାର ଭମ୍ ସୌଭାଗ୍ୟର କଥା ନୁହେଁ । ରଜନୀର ମନ ଆନନ୍ଦରେ ନାଚି ଉଠିଲା । ମିଆଁଜୀଙ୍କ ଆଖିରେ ନିଆଁ ଜଳି ଉଠିଲା । ସେ ପୁଣି ସେହି କଳାପାନ ବିବି ଉପରେ ଲଗାଇଲେ ତିରିଶ ହଜାର । ଏଥର ବି ଜିତିଲା ରଜନୀ । ମିଆଁଜୀ ପକେଟରୁ ତିରିଶ ହଜାର ଟଙ୍କା କାଢ଼ି ଫୋପାଡ଼ି ଦେଲେ ରଜନୀ ଆଡ଼େ ।

..............ଫେଣ୍ଟୁ ଫେଣ୍ଟୁ ମିଆଁଜୀ ।

ମିଆଁଜୀ ଫେଣ୍ଟିଲେ । ଏଥର ବି ହାରିଲେ ୫ ହଜାର ଟଙ୍କା । ପକେଟ ଶୂନ୍ୟ । ମିଆଁଜୀ ରାଗରେ ସେ ଘରୁ ବାହାରି ଗଲେ । ରଜନୀ ହସି ଉଠିଲା । ସେ ୬୦ ହଜାର ଟଙ୍କା ପକେଟରେ ରଖି ୨୮ ନମ୍ବର ଗଳି ଦେଇ ଚାଲିଲା ଗୃହାଭିମୁଖେ । ତାସ ମୁଠାଟା ନେବାକୁ ଭୁଲି ଯାଇଛି । × × ×

"ଆରେ ରଜନୀ ସିଦ୍ଧୁଙ୍କ ଖେଳିଥିଲା କିଏ ? ତିରିଶ ହଜାର ଟଙ୍କା, ତାସ ମୁଠାଟା ନେଲା କିଏ ? ତୁ ନେଇଛୁ ?"

"ମୋତେ ତିରିଶ ହଜାର ଟଙ୍କା ? ଏ ବଦଳରେ ୬୦ ହଜାର ଟଙ୍କା ନେ ବୋଉ" ଟଙ୍କା ବିଡ଼ାଟା ପକେଟରୁ ବାହାର କରି ସିଦ୍ଧୁଙ୍କ ଉପରେ ଫୋପାଡ଼ି ଦେଲା ରଜନୀ । "ଅରେ ମୁଁ ଟଙ୍କା କଥା କହୁନାହିଁ ତାସ ମୁଠାଟା କଥା କହୁଛି ।"

"ହଁ ବୋଉ ସେ ଦିନ କହୁଥିଲୁ ନା ଏହି କଳାପାନ ବିବି ଦ୍ୱାରା ଆମେ ଲକ୍ଷ ଲକ୍ଷ ଟଙ୍କାର ମାଲିକ ହେବା । ଦେଖ୍ ଆଜି ସେହି କଳାପାନ ବିବି ଉପରେ ମୁଁ ଆଣିଛି ୬୦ ହଜାର ଟଙ୍କା ।"

"ଯେ କଥା ନୁହେଁ ରଜନୀ ସେଇ କଥା ନୁହେଁ, ସେହି ଲଫାଫାରେ ଥିବା ମ୍ୟାପଟିକି ଦେବ ଆମକୁ ସମସ୍ତ । ତୁ ସେ ତାସ ମୁଠାଟା କଣ କଲୁ ?"

"କଣ କହୁଛ ମ୍ୟାପ୍ ? ନଥିଲାକ ସେଥିରେ ମୁଁ କଳାପାନ ଚିତ୍ରକୁ ଭଲ ଭାବରେ ଦେଖିଛି ବେଶୀ ବ୍ୟବହାର କରିଛି ମଧ୍ୟ । ତାହିଁ କେଉଁଠି ତ ମ୍ୟାପ ଦେଖିନାହିଁ ।"

"ମୋ ଛୁଆ ତାକୁ କେହି ଚେଷ୍ଟା କରିବେ ନାହିଁ । ତୁ ସେ ତାସ କେଉଁଠି ରଖିଛୁ ଆଣ" କହିଲେ ରଜନୀର ବୋଉ ।

"ମୁଁ ତ ଛାଡ଼ିଦେଇ ଆସିଛି ବୋଉ" ରଜନୀ ଉତ୍ତର ଦେଲା ।

"କଣ କଲୁ ରଜନୀ, ମୋ ଗୁପ୍ତ ଧନକୁ ତୁ ହରାଇ ବସିଲୁ ? ତା'ର ପାଇଁ ହିଁ ତୋର ବାପାଙ୍କର ମୃତ୍ୟୁ । ତଥାପି ମୁଁ ତାକୁ ତାହାରିକୁ ଦେଇ ଦେଇନି । ତୁ ତାକୁ ହଟେଇ ଦେଲୁ" ଦୁଃଖ ଭରା ସ୍ୱରରେ କହିଲେ ରଜନୀର ବୋଉ ।

ରଜନୀ ଭାବିଲା "ଯାହା ପାଇଁ ବାପଙ୍କର ମୃତ୍ୟୁ । ଯାହାକୁ ରକ୍ଷା କରିବାପାଇଁ ବାପା ମରଣ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ । ତେବେ ସେ କେତେବଡ଼ ଭୁଲ କଲା ।" ପୁଣି ସେ ଧାଇଁଲା ମିଶ୍ର ଜୀଙ୍କ ଆଡ଼କୁ ।

ସେ ତାସ ଥିଲା ଅନ୍ୟାନ୍ୟ ତାସଠାରୁ ପୃଥକ୍ । ତାସର ପଛ ପାଖରେ କୌଣସି ଚିତ୍ର ନଥିଲା । କେବଳ ଧଳାରଙ୍ଗରେ ଆଚ୍ଛାଦିତ ହୋଇଥିଲା । ସେ ତାସ ମୁଠାଟି ଥିଲା ଉମାକାନ୍ତ ବାବୁଙ୍କର ଅତି ଆଦର ବସ୍ତୁ । ବେଳେ ବେଳେ ଉମାକାନ୍ତ ବାବୁ ମୁଠାଟିରୁ କଳାପାନ ତାସଟିକୁ ଚାହିଁ ଦେଖନ୍ତି ଆଗ ଦେଖନ୍ତି କେଜାଣି ପୁଣି ତାସ ମୁଠାଟି ଅତି ଯତ୍ନସହକାରେ ଯଥାସ୍ଥାନରେ ରଖି ଦିଅନ୍ତି । ସେହି ତାସ ଆଡ଼କୁ ଥିଲା କେତେକଙ୍କର ଲୋଲୁପ ଦୃଷ୍ଟି । ଯାହା ଫଳରେ କି ଉମାକାନ୍ତ ବାବୁ ଜୀବନ ହରାଇଲେ । କିନ୍ତୁ ସେ ତାସ

ମୁଠାଟି ହବଇ ନାହାଁନ୍ତି । ନେଇଁ ତାସ ପଛରେ ଅଛି ଗୋଟାଏ ଅଜଣା ରହସ୍ୟ ସେଥି ତାସକୁ ଅଜା ହରେଇ ବସିଛି ରଜନୀ ।

ରଜନୀ ମିଅଁ ଜୀଙ୍କ ଅନ୍ଧାରେ ପହଞ୍ଚିଲା । କିନ୍ତୁ ତାସ ମୁଠାଟି ପାଇଲା ନାହିଁ । ସେ ମିଅଁ ଜୀଙ୍କ କୋଠରୀକୁ ଧାଇଁଲେ । ମିଅଁ ଜୀ ଚେୟାର ଉପରେ ଧ୍ୟାନମଗ୍ନ ଥିଲେ ।

"ମିଅଁ ଜୀ ଏଠୁ ତାସ ମୁଠାଟା କିଏ ନେଲା ?" ପ୍ରଶ୍ନ କଲା ରଜନୀ ।

"ମୁଁ ଦେଖିନି ।" ମିଅଁ ଜୀ ଉତ୍ତର ଦେଲେ "ଦେଖିନା ? ସତ କୁହ ?"

"ଛନକ୍ତି କରନା ମୋତେ ଗୁଲଯା ଏଠୁ । ମୁଁ ଏତେ ସ୍ନେହ ନେଲକ ନୁହେଁ ।"

"ମୁଁ ଭଲରେ କହୁଛି ଦେଇ ଦିଅ ନହେଲେ......"

"କହ ନେଲେ ଯିବନି ଏଠୁ । ଦରଓ୍ୱାନ......"

"ଦିଅ ମୋ ତାସ ଦିଅ" ରଜନୀର ମୁଣ୍ଡଟା ଖରାପ ହୋଇ ମିଅଁ ଜୀଙ୍କ ତୋଟି ଚପି ଧଇଲା । "କଣ ଦେବନି ମୋ ତାସ" ରଜନୀ ଗର୍ଜି ଉଠେଲା । "ମୁଁ ଦେ ··ଖି···ନି" ଥର ଥର ଗଳାରେ ମିଅଁ ଜୀ ଉତ୍ତର ଦେଲେ ।

"ଦେଖିନା ?" ପୁଣି ଗର୍ଜି ଉଠିଲା ରଜନୀ । ରଜନୀ ହାତର ଚାପ ଅଳ୍ପେ ଅଳ୍ପେ ବଢ଼ିଲା । ମିଅଁ ଜୀ ପଦୁଟିଏ କହିବାକୁ ଅବସର ପାଇଲେନି ଚେୟାର ଉପରେ ଟଳି ପଡ଼ିଲେ । ରଜନୀ ତାଙ୍କ କୋଠରୀର ଗୃହଅଡ଼େ ଦୃଷ୍ଟି ପକାଇଲା କିନ୍ତୁ ତାସ ମିଳିଲାନି ଦରଓ୍ୱାନ ଆସିବାର ପଦ ଶବ୍ଦ ଶୁଭିଲା । ରଜନୀ କ୍ଷିପ୍ର ଗତିରେ ବାହାରି ଗଲା ସେ ଘରୁ ।

ସେତେବେଳକୁ ନବମୀର ଚନ୍ଦ୍ର ଦେଖା ଦେଲାଣି । ଅସଂଖ୍ୟ ତାରକା ହସି ଉଠିଲେଣି, କିଏ ବୃନ୍ଦାମୂଳେ ପହଡ଼କିଆ ଭଲିଆ ରଣ ଗୁଡ଼ିଲେଣି ହୁରେ—ହୋ—ହୁରେ—ହୋ × × ×

ମିଆଁ ଜୀଙ୍କ ହତ୍ୟା ଓ ରଜନୀର ଅଦୃଶ୍ୟ ଏହି ସବୁ କାରଣ ଯୋଗୁ ପୋଲିସ୍ ରଜନୀକୁ ଚୋର ସାବ୍ୟସ୍ତ କଲା । ତା ପରେ ପୋଲିସ୍ ରଜନୀକୁ ଖୋଜି ବୁଲିଲା ।

(୨)

ରାତି—ଗୃହଅଭ ନୀରବ ନିସ୍ତବ୍ଧ—ସୁପ୍ତ ସହର—ବିଜୁଳି ଆଲୁଅ ମଳିନ ପଡ଼ିଯାଇଛି । ଗୃହଅଭ ଅନ୍ଧକାର ଘୋର ବଢ଼ୁଛି । ସେହି ଅନ୍ଧକାର ରାତି ସ୍ତବ୍ଧ ଚିରି ବେଳେବେଳେ ଛୁଟି ଯାଉଛି ଷ୍ଟେସନ ଫେରନ୍ତି କାର—ଟ୍ୟାକ୍ସି । ନିଜ କୋଠରୀରେ ଶାନ୍ତିଦେବୀ ରଜନୀର ମାଆ; ନିଶ୍ଚିନ୍ତରେ ନିଦ୍ରା ଯାଇଛନ୍ତି । ସେତେବେଳକୁ ରାତି ବାର । ହଠାତ୍ ଦ୍ୱାର ନିକଟରେ ଖଡ଼୍ କରି କଣ ଗୋଟାଏ ଶବ୍ଦ ହେଲା । ଏବଂ ଘରର ଆଲୁଅ ଜଳି ଉଠିଲା । ଶାନ୍ତି ଦେବୀଙ୍କ ନିଦ୍ରା ଭଙ୍ଗ ହେଲା ସେ ଉଠି ବସିଲେ; ଯାହା ଦେଖିଲେ ସେଥିରେ ତାଙ୍କ ଛାତି ଥର ଉଠିଲା । ସମ୍ମୁଖରେ ତାଙ୍କ ସ୍ୱାମୀର ହତ୍ୟାକାରୀ ରାମସିଂହ ।

"ରାମସିଂହ ତୁମେ ?"

"ହଁ ମୁଁ—ଶୀଘ୍ର ସେ ତାସ ଦେଇଦିଅ ନଚେତ୍ ମୃତ୍ୟୁକୁ ବରଣ କର"

"ସେ ତାସ ବର୍ତ୍ତମାନ ମୋ ପାଖରେ ନାହିଁ" ଶାନ୍ତି ଦେବୀ ଉତ୍ତର ଦେଲେ ।

"ମିଛ କଥା ଠକାଇବା ମୋତେ. ଦେଇ ଦିଅ"

"ମୁଁ ସତ କହୁଛି ରାମସିଂହ ସେ ତାସ ବର୍ତ୍ତମାନ ମୋ ନିକଟରେ ନାହିଁ । ରଜନୀ ଯୋଗୁ ସେ ତାସ ଅନ୍ୟ ହସ୍ତାନ୍ତର । ଆଉ ମଧ୍ୟ ସେହି ତାସ ଯୋଗୁ ମିଆଁ ଜୀଙ୍କର ହତ୍ୟା ଓ ରଜନୀର ଅଦୃଶ୍ୟ"

"ତେବେ ମିଆଁ ଜୀଙ୍କର ହତ୍ୟାକାରୀ କିଏ ?"

"ରଞ୍ଜନୀ ତାଙ୍କୁ ସନ୍ଦେହ କରି ହତ୍ୟା କରନ୍ତି ।"

ସେତେବେଳକୁ ଗାୟତ୍ରୀ ଦେବୀ ଉଠି ବସିଲେଣି ।

"ତେବେ ରଞ୍ଜନୀ ପାଖରେ ନିଷ୍ଚୟ ତାସ ଅଛି ?" ପ୍ରଶ୍ନ କଲା ରାମସିଂହ ।

"ମୁଁ କହି ପାରିବିନି"

"ରଞ୍ଜନୀ ପାଖରେ ନିଷ୍ଚୟ ଅଛି । ତେବେ ରଞ୍ଜନୀ କେଉଁଠି ଅଛି ଶୀଘ୍ର କହ । ମୁଁ ମନ୍ଦିରର କହୁଥାରେ ରଞ୍ଜନୀ ଏଇଠି ଅଛି ।"

ନା ମୁଁ ସତ କହୁଛି ରଞ୍ଜନୀ ଏଠି ନାହିଁ" ତେବେ କେଉଁଠି ଅଛି କୁହ ନିଷ୍ଚୟ ତୁମେ ସେ କଥା ଜାଣ"

"ମୁଁ ପ୍ରକୃତରେ ଜାଣିନାହିଁ ରାମସିଂହ"

"ଜାଣିନ ? ଦେଖୁଛ ? ଏଇ ଚକ୍‌ଚକିଆ ଛୁରୀକୁ ଦେଖୁଛ କୁହ ?" ରାମଙ୍କ ହାତ ଛୁରୀ ଚକ୍ ଚକ୍ କରି ଉଠିଲା ।

"ମୁଁ କେବେ ମିଥ୍ୟା କୁହେନା ରାମସିଂହ"

"ହାଃ—ହାଃ—ହାଃ କହୁଚନି ତେବେ ?"

ରାମସିଂହ ଶତ୍ରୁ ଦେବୀଙ୍କ ଉପରକୁ କୁଦି ପଡ଼ିଲା । ସେ ଚିତ୍କାର କରିଉଠିଲେ । ତାଙ୍କ ଛାତିରୁ ରକ୍ତ ସ୍ରୋତ ଛୁଟିଲା । ଗାୟତ୍ରୀ ଦେବୀ କାନ୍ଦି ଉଠିଲେ । ମୃତ୍ୟୁ ତାଙ୍କ ନିକଟକୁ ଅଗେଇ ଗଲା ।

ଜୀବନ ମିତ୍ର । ଆଜି ମୋ ଅଙ୍କ ପଲଙ୍କରେ ଚିର ସୁଖି ହେବ । ଭୁଲି ଯାଅ ଭୁଲି ଯାଅ ସବୁ ।"

ସାବଧାନ ରାମସିଂହ ଆଉ ପାଦେ ମାତ୍ର ଅଗେଇଲେ··· ।"

"ହାଃ—ହାଃ—ହାଃ କଣ୍ଠ କରି ପାରିବନି ତୁମେ । ଆସ ମିତ୍ର,"

ରାମସିଂହ ଗାୟତ୍ରୀକୁ ଧରିବାକୁ ଗଲା । ଗାୟତ୍ରି ଚିତ୍କାର କରି ଉଠିଲେ । ରାମ ସିଂହର ହାତ ରୁମାଲ ଗାୟତ୍ରୀଙ୍କ ନାସିକା ସ୍ପର୍ଶ

କଲା । ତା ପରେ ସେ ନିସ୍ତେଜ ହୋଇ ପଡ଼ିଲେ ଦସ୍ୟୁ ତାଙ୍କୁ କାନ୍ଧରେ ଧରି ସେ ଘରୁ ବାହାରି ଗଲା । × × × × ।

କାର ନୀରବ ନିସ୍ପନ୍ଦ ସହର ଗଳି ଦେଇ କ୍ଷିପ୍ର ଗତିରେ ଛୁଟି ଚାଲିଲା ।

ଶାନ୍ତି ଦେବୀ ମୃତ । ରଜନୀ ଅଦୃଶ୍ୟ । ବର୍ତ୍ତମାନ ଉମାକାନ୍ତ ବାବୁଙ୍କର ଅଚଳାଚଳ ସମ୍ପତ୍ତିର ମାଲିକ ଗାୟତ୍ରୀ ଦେବୀ । ଅର୍ଥାତ୍ ସେ ତାସ ମୁଠାହାର ମାଲିକ ମଧ୍ୟ ସେ । ତାସ ବର୍ତ୍ତମାନ ସେହିଁଠି ଆଜନା ବାବୁଙ୍କ ପୋଲିସ ହାତ ପାଇଲେ ନିଶ୍ଚୟ ଗାୟତ୍ରୀ ଦେବୀଙ୍କୁ ଦେବ ଏବଂ ଗାୟତ୍ରୀ ଦେବୀ ସେହି ଗୁପ୍ତ ଧନର ମାଲିକ ହେବେ । ଯଦି ଗାୟତ୍ରୀ ଦେବୀ ରମସିଂହର ନେତ୍ରୀ ହୁଅନ୍ତି ତେବେ ସେ ସେ ଗୁପ୍ତଧନର ମାଲିକ ହେବେ । ଯଦି ରଜନୀ ପାଖରେ ତାସ ଥାଏ ତେବେ ଅନ୍ୟେଙ୍କ ଧନ ନିଶ୍ଚୟ ପାଇବେ । ସେହି ସବୁ ଆଶାରେ ରାମସିଂହ ଗାୟତ୍ରୀ ଦେବୀଙ୍କୁ ଧରି ଚାଲିଗଲା । ତାସ ମୁଠାହିଁର ରହସ୍ୟ କଣ ଏବଂ ସେ କେଉଁଠି ? × ×

ସହର ରାସ୍ତା ପାର ହୋଇ କାର ପଶିଲା ବଣ ମଧ୍ୟରେ । ସରୁ ବଙ୍କା ଟଙ୍କା ରାସ୍ତାଟିଏ ଭିତରକୁ ଚାଲି ଯାଇଛି । ଦୁଇ ଆଡ଼େ ଉଚ୍ଚ ଗଛ ରହିଛନ୍ତି ।

ମୁହଁକୁ ମୁହଁ ଦେଖା ଯାଉନି, ଆକାଶରେ ପାହାନ୍ତିଆ ତାରା ହସି ଉଠୁଛନ୍ତି । ଗଛମାନଙ୍କରେ ପକ୍ଷୀଗୁଡ଼ା ଖଡ଼ ଖାଡ଼ ଭଳି ମନରେ ଭୟ କରୁଥାନ୍ତି । ସମସ୍ତେ ନୀରବରେ ଡ୍ରାଇଭିଂ କରୁଛନ୍ତି ।

ଗୁଡ଼ୁମ୍—ଗୁଡ଼ୁମ୍ ।

କାରଟିର ଗତି ଭମ୍ ଭମ୍ କେତେଟର ଧୀର ହେଲା । ସମସ୍ତେ ଆଗାମି ବିପଦରୁ ରକ୍ଷା ପାଇବା ପାଇଁ ରିଭଲଭର ଧରି ବାହାରକୁ ବାହାରି ପଡ଼ିଲେ । ପୁଣି ଗୋଟାଏ ପିସ୍ତଲ ଆବାଜ । ଏଥର ତୁଳନା

ସ୍ୱପ୍ନଟି ଭାଜ ପାଖରେ ଗୁଡ଼ି ଗଲା । ସ୍ୱପ୍ନଟି ଭାଙ୍ଗି ଥରି ଉଠିଲା । ସେ ନିଜଠାରୁ ଟୋକାଏ ବୁଦ୍ଧାମୂଳେ—ଲୁଚି ଗଲା । ଗୋଟାଏ କଳା ଲୋକ ଅନ୍ଧାରେ ଗାୟତ୍ରୀଙ୍କୁ କାନ୍ଧରେ ଧରି ଘରରୁ ବାହାରି ଗଲା ।

(୩)

ଗାୟତ୍ରୀ ଦେବୀଙ୍କର ଯେତେବେଳେ ଚେତା ହେଲା ସେ ଦେଖିଲେ ନିଜକୁ ଗୋଟିଏ ସୁସଜ୍ଜିତ କୋଠରୀରେ ଶୋଇଛନ୍ତି । ନିକଟରେ—ନିଜଙ୍କରେ ବସିଛନ୍ତି ଅଶୋକଲତା, ଗାୟତ୍ରୀର ସାଙ୍ଗ; ଗାୟତ୍ରୀ ଦେବୀ ଚିତ୍କାର କରି ଉଠିଲେ ।

'ଏଁ ଦସ୍ୟୁ ତୁମକୁ....."

"ନାଁ ନାଁ ସେତେବେଳେ ନୁହେଁ ତୁମକୁ ନେଇ ଯାଉଥିଲା ରଜନୀ ବାବୁଙ୍କ ଦ୍ୱାରା ଉଦ୍ଧାର ପାଇଲ ।"

"ଭ୍ରମ ? କାହାନ୍ତି ଭ୍ରମ ?"

"ସେ କିଛି ସମୟରେ ଆସିବେ ତୁମେ ଶୋଇପଡ଼ ।

"ମୁଁ କେଉଁଠି ଆଶା ?"

ତୁମେ ତୁମର ଘରେ ଅଛ । ପାଣି କରନା ମୁଣ୍ଡ ଖରାପ ହୋଇଯିବ ।"

"ଆମ ଘର ଏକ ଆମ ଘର ନୁହେଁ ଆଶା'

"ହଁ ହଁ ତୁମ ଘର ସହର ଭିତରେ"

ସହର ଭିତରେ ଆମ ଘର । ତେବେ କଣ ମାଟିତଳେ ଆମର ଗୋଟିଏ ଘର ଅଛି ଆଉ କିଏ ଏଇଠି ଲୁଚିଛନ୍ତି । ତେବେ ଆଶା କହିବ ଏଠିକୁ ଆସିଲା । ହଁ ହଁ ଠିକ୍ ସେଇଆ । ଭାବୁ ଭାବୁ ତାର ଆଖିବୁଜି ଯାଇ ଶୋଇ ଆସିଲା । ଅଶୋକଲତା ତା ମୁଣ୍ଡ ପାଖରେ ପଙ୍ଖା କରୁଥିଲେ ।

ସେତେବେଳକୁ ଆକାଶରେ ତାରା ଗୁଡ଼ିକ ଲୁଚିବାକୁ ଉପକ୍ରମ କଲେଣି । ସମୁଦ୍ର ଆରପଟୁ ସୂର୍ଯ୍ୟଦେବଙ୍କ ଆଗମନରେ ଅଭୁଷ୍ଟ ମିଳିଲଣି । କାଉ ରାବିଲେଣି କା—କା ।

ହଠାତ୍ ସେ ଘରକୁ ପଶି ଆସିଲେ ରଜନୀ "ଆଶା ତାସର କିଛି ସନ୍ଧାନ ପାଉଲେନି ମୁଁ ଭଲ ଭବରେ ଜାଣେ ରାମସିଂହ ପାଖରେ ତାସ ନାହିଁ । ତେବେ ମିଆଁଜୀଙ୍କ ଦରହା ଆଉ ଥରେ ଦେଖିବାକୁ ପଡ଼ିବ ।" ଏତେକ କହି ରଜନୀ ତେୟାରହୋ ଝାହିଁ ଅଣି ବସି ପଢ଼ିଲେ ।

"କିପରି ଜାଣିଲ ରାମସିଂହ ପାଖରେ ତାସ ନାହିଁ ?" ଆଶା ପ୍ରଶ୍ନ କଲା ।

"ରାମସିଂହ ବି ତାସ ଖୋଜି ବୁଲୁଛନ୍ତି ତେଣୁ ମୁଁ କହୁପାରେ ରାମସିଂହ ପାଖରେ ତାସ ନାହିଁ ।"

ଉତ୍ତର ଦେଲା ରଜନୀ । "ଆଶା ଗାୟତ୍ରୀ ଦେବୀ କିପରି ଅଛନ୍ତି ?"

ଆଶା—ଭଲ । ତୁମେ ଏଠି ବସିଥାଅ ମୁଁ ଗୃହା ନେଇ ଆସେ । ଏତିକି କହି ଆଶା ସେ ଘରୁ ବାହାରି ଗଲା । ରଜନୀ ଚିନ୍ତା କରିବାରେ ଅଗ୍ନି ସଂଯୋଗ କଲା । ସେତେବେଳକୁ ସହରଟା ଲୋକ ଗହଳରେ ସରଗରମ ହୋଇ ଉଠିଲଣି । ସୂର୍ଯ୍ୟଙ୍କର କୋମଳ ରଶ୍ମି ପଡ଼ିଲାଣି

+ + + +

ଠନ୍—ଠନ୍—ଠନ୍ ।

ମିଆଁଜୀଙ୍କ ଓ୍ୱାଲ କ୍ଲକରେ ବାଜିଲା ତିନି । ସାରି ସହର ନିଶା ଗଳୁଛନ୍ତି । ସହରର କୋଳାହଳ ନାହିଁ । କାହାର ଧାଁ ଧପଡ଼ ନାହିଁ । ଅଛି କେବଳ ଶୁପ୍ତ ସହର । ନଭ ଚୁମ୍ବି ପ୍ରାସାଦ ଅନ କୋଷ୍ଠାର ସୃଷ୍ଟି ପରଶ । ସାରା ସହର ନୀରବ—ନିସ୍ତବ୍ଧ କିନ୍ତୁ— ମାଁ ଛଡ଼ା ବାହୁଡ଼ି ଧାଇଁଛି ଗୋଟାଏ କାର ଡ୍ରାଇଭର ସିଟ୍‌ରେ ଜଣେ

ନାଗ୍ର, ହଠାତ୍ କାରଟି ମିଆଁ ଜୀଙ୍କ ଫାଟକ ପାଖରେ ଅଟକିଗଲା । କଳା ପୋଷାକରେ ଅଙ୍ଗ ଢାକି ମୁକ୍ତକେଶୀ ରମଣୀଟି ବାହାରି ପଡ଼ିଲେ କାରରୁ । ଧୀର ପଦ କ୍ଷେପରେ ଫାଟକ ଦେଇ ପଶିଲେ ଭିତରକୁ, କିଛି ସମୟ ପରେ ପୁଣି ଫେରିଆସିଲେ ସେ, ହାତରେ ମୁଠାଏ ତାସ, ମୁଖରେ ଆନନ୍ଦର ଚିହ୍ନ ।

କାର ପୁଣି ଦୌଡ଼ିଲା ୧୮ନମ୍ବର ଗଳି ଦେଇ । କିଛି ସମୟ ପରେ ରଜନୀର କଳା ପରଦା ଉହାଡ଼ରେ ଲୁଚିଗଲା ସେ ।

ପୁଣି ଆସିଲା ଗୋଟାଏ କାର··· ଆଗରୁ ବି ଗୋଟାଏ କାର । ପ୍ରଥମ କାରଟି ବାଟ ଭୁଲିଲା । ଦ୍ୱିତୀୟ କାର ପିଛା ଧରିଲା । କ୍ରମେ ଉଭୟ କାର ଦୂରତା କମି କମି ୫ ଫୁଟ ବ୍ୟବଧାନ ରହିଲା । ପଛ କାରରୁ ଅର୍ଡର ଆସିଲା ।

“ଏବାଉଟ ଟର୍ଣ୍ଣ”

ଆଗ କାରରୁ ତାର ଉତ୍ତର ଆସିଲା ଗୁଡୁମ୍ । ଏଥର ପଛ କାରରୁ ତାର ପ୍ରତି ଉତ୍ତର ଆସିଲା ଗୁଡୁମ୍ । ଆଗକାରଟି ରହିଗଲା ପଛ କାରଟି ତାର ପଛରେ ରହିଲା । ପୂର୍ବ ରମଣୀଟି କାରରୁ ପଛ ବାହାରି ପଡ଼ି ଆଗକାର ଭିତରକୁ ପଶିଗଲେ । କିନ୍ତୁ ଆଶ୍ଚର୍ଯ୍ୟ କେହି ନାହାନ୍ତି । ସେ କାରରୁ ବାହାରି ଆସିଲେ । ଦେଖିଲେ ଦୂରରେ କିଏ ଜଣେ ଖୁବ୍ ଜୋରରେ ଦୌଡ଼ୁଛି । ରମଣୀଟି ବିଫଳ ହୋଇ ନିଜ କାର ଫେରାଇଲେ ।

(୪)

ଦଶହରା ଉତ୍ସବରେ ସହରଟା କୋଳାହଳମୟ । ଖୁବ୍ ଅଢ଼େ ଲୋକ ଗହଳି । କାଲି ଗଲା ନବମୀ । ଆଜି ଦଶମୀ—ଦଶହରା ଶେଷ ଦିନ ସେଥିପାଇଁ ଏତେ ଗହଳି—ଏତେ ଲୋକ ସମାଗମ । ସକାଳୁ ଆକାଶଟା ମେଘୁଆ ଦେଖାଯାଉଛି । ସୂର୍ଯ୍ୟଙ୍କର ତେଜର

ସୁଖରତା ନାହିଁ । ଚର୍ଚ୍ଚା ନାହିଁ କି ଖବର ନାହିଁ । ମୋଟ ଉପରେ କହିବାକୁ ଗଲେ ପାଗଟା ଉପଭୋଗ୍ୟ । ପାଗ ପ୍ରତି କେହି ଅସନ୍ତୁଷ୍ଟ ନାହାନ୍ତି । ଲୋକ ଗହଳି ବଢ଼ିବା ସଙ୍ଗେ ସଙ୍ଗେ ଏକ୍ସିଡେଣ୍ଟ ମଧ୍ୟ ବଢ଼ୁଛି । ପକେଟମାରୁ ରୋଜଗାର ଚାଲିଛି । କେତେ କାର ଟାକ୍ସି ଧାଁ ଧପଡ଼ କରୁଛନ୍ତି । କେତେ ନୂଆ ନୂଆ ଲୋକଙ୍କର ଆବିର୍ଭାବ ହେଉଛି । ଏହିପରି ଦିନଟି କଟିଗଲା । ଚନ୍ଦ୍ର ମେଘକୋଳରେ ଲୁଚି ପାରିଲେ । ବିଜୁଳିବତୀ ଗୁଡ଼ିଆଡ଼େ ଲାଗିଗଲା । ଦିନ ଅପେକ୍ଷା ରାତିରେ ଏତିକି ମାତ୍ର ପରିବର୍ତ୍ତନ ହେଲା ।

ଦଶହରା ଉତ୍ସବ ଏତିକିରେ ବନ୍ଦ କରାଯାଉ । କାରଣ ଆମର ଏଇଠି ଦରକାର ପଡ଼ିଲା ।

ସେଦିନ ଭୋରକୁ ରାତି ବାର । ପୂର୍ବଦିଗରୁ କ୍ଷିପ୍ର ଗତିରେ ଧାଇଁ ଥାଏ ଗୋଟିଏ କଳାରଙ୍ଗର କାର । ଜଗନ୍ନାଥଙ୍କର ଯେଉଁଠି ମେଳା ଲାଗିଥାଏ । ସେହି ଆଡ଼କୁ ଲକ୍ଷ କରି । ହଠାତ୍ କାରଟା ରାସ୍ତାର ବାମ ପାଖକୁ ବାଙ୍କିଗଲା । ଏବଂ ରାସ୍ତାର ତଳକୁ ଗଡ଼ିଗଲା । ଏହି ସମୟରେ କାରରୁ ଜଣେ ଲୋକ ଡେଇଁପଡ଼ି ଲୋକ ଗହଳିରେ ମିଶିଗଲା । କାର ଗଡ଼ିଯାଇ ଗୋଟାଏ ଗଛରେ ଧକ୍କା ଲାଗିଲା । 'ଏକ୍ସିଡେଣ୍ଟ—ଏକ୍ସିଡେଣ୍ଟ' ବୋଲି ଲୋକ ଜମା ହୋଇ ପଡ଼ିଲେ । ଡ୍ରାଇଭର ସିଟ୍‌ରେ ଜଣେ ଲୋକ ଷ୍ଟିଅରିଂରେ ବସିଛି । ତାକୁ କିଏ କେତେ ପଚାରିଲେ କିଛି ଉତ୍ତର ନାହିଁ । ମରିଯାଇଛି ଭାବି ଥାନାକୁ ଖବର ଗଲା । ପୋଲିସ ଇନ୍‌ସପେକ୍ଟର ରଞ୍ଜନ ରାୟ ତୁରନ୍ତ ଆସି ପହଞ୍ଚିଲେ । ଆଶ୍ଚର୍ଯ୍ୟ କଥା ଚକ୍ଷୁର ଚିହ୍ନ ନାହିଁ କିନ୍ତୁ ଲୋକଟି ମରିଯାଇଛି । ଭଲ ଭାବରେ ଦେଖିବାରେ ମୁଣ୍ଡରେ ଗୋଟାଏ କ୍ଷତ ଚିହ୍ନ ମିଳିଲା । ବୋଧହୁଏ ଗାଡ଼ି ଗଛରେ ଧକ୍କା ଲାଗିବା ସମୟରେ ଲୋକଟିର ମୁଣ୍ଡଟି ବେଞ୍ଚରେ ଖୁବ୍ ଜୋରରେ ବାଡ଼େଇ ହୋଇ ଯାଇଛି କିନ୍ତୁ କ୍ଷତ ସ୍ଥାନରେ ରକ୍ତବି ନାହିଁ । ଲୋକଟି ଠିକେ ଚାଲି

ପଡ଼ୁଛି । ଜଣା ପଡ଼ୁଛି ସତେ ଯେପରି ସେ ଆସନରେ ବସିଛି । ଅଥଚ ଆଶ୍ଚର୍ଯ୍ୟ କ୍ଷତ ସ୍ଥାନରେ ରକ୍ତ ଚିହ୍ନ ନାହିଁ । ତେବେ କଣ ମରିବା ପରେ ଏ ଏକ୍ସିଡେଣ୍ଟ ? ଦ୍ୱିତୀୟଲୋକ କିଏ କଣ ଏହି ଏକ୍ସିଡେଣ୍ଟ କରାଇଲା ? ନା କିଏ ହତ୍ୟାକାରୀ ପୋଲିସକୁ ଠକାଇବା ପାଇଁ ଏପରି କରିଛି ? ହୋଇ ପାରେ ? ଯାହା ହେଉ ଡାକ୍ତରଖାନା ପାଇଁ ଶବ ପଠାଗଲା ।

ଡାକ୍ତର ରିପୋର୍ଟ ଦେଲେ ବିଷ ଖାଇ ଲୋକଟି ମରିଛି । ବୋଧହୁଏ ଗାଡ଼ି ଚଳାଇବା ସମୟରେ ସେ ବିଷ ଖାଇଛି । ହାତ ଷ୍ଟିୟରିଂରୁ ଖସି ଯାଇଛି । ଫଳରେ ଗାଡ଼ି ରାସ୍ତା କଡ଼କୁ ଗଡ଼ିଯାଇ ଗଛରେ ଧକ୍କା ଲାଗିଛି । ବର୍ତ୍ତମାନ କଥା ହେଉଛି ସେ ଲୋକଟି କିଏ ?

ସମାଜରେ ଲୋକଟିର ଫଟୋ ବାହାର କରାଗଲା । ସେ ଲୋକଟିକୁ ଚିହ୍ନିଲା ଜଣେ ନାରୀ । ସେ ଲୋକଟିର ଶବ ଦେଖି ଉକ୍ତ ନାରୀଙ୍କ ଆଖିରୁ ଶ୍ରାବଣର ଧାରା ପରି ବହିଯାଇଥିବା ଅଶ୍ରୁ ବିନ୍ଦୁ । ସେ ନାରୀଟି ହେଉଛନ୍ତି ଗାୟତ୍ରୀ ଦେବୀ ଏବଂ ମୃତ୍ୟୁ ପୁରୁଷଟି ତାଙ୍କର ଭାଇ ରଞ୍ଜନୀ ।

ଶବ ସତ୍କାର ପରେ ଗାୟତ୍ରୀ ଦେବୀ ବିମର୍ଷ ମନରେ ତାଙ୍କର ସେହି ମାଟିଘର ଘରକୁ ଫେରି ଆସିଲେ । ସେତେବେଳେ ସେଠି ଆଶା ନ ଥିଲା । ଗାୟତ୍ରୀ ଦେବୀ ଅପେକ୍ଷା କଲେ । ଦୁଇଦିନ ଗଲା ପାଞ୍ଚଦିନ ଗଲା ତଥାପି ଆଶା ଫେରିଲାନାହିଁ ଗାୟତ୍ରୀ ଦେବୀ ଭାବିଲେ, ଆଶା ବୋଧହୁଏ ଭାଇଙ୍କ ମୃତ୍ୟୁ ଖବର ପାଇ ଆତ୍ମହତ୍ୟା କରିଛି । କାରଣ ସେ ଭାଇଙ୍କୁ ଅତି ଭଲ ପାଉଥିଲା ଏବଂ ଭାଇଙ୍କ ପାଇଁ ସେ ଗୃହ, ଭାଇ, ବନ୍ଧୁ, କୁଟୁମ୍ବ ସମସ୍ତ ତ୍ୟାଗ କରି ଭାଇଙ୍କ ନିକଟକୁ ପଳାଇ ଆସିଥିଲା ଏବଂ ଯେତେବେଳେ ସେ ଭାଇଙ୍କ ମୃତ୍ୟୁ ଖବର

ଯାଇଛନ୍ତି ସେତେବେଳେ ସେ କୌଣସି ଅସ୍ତ୍ର ଖୋଜି ନପାଇ ଆତ୍ମ ହତ୍ୟା କରିଛନ୍ତି । × × ×

ତା ପରଦିନ ଖବର କାଗଜରେ ବାହାରିଲା "ସେ ଲୋକଟି କଳିକା କାନ୍ତ ବାବୁ, ଉମାକାନ୍ତ ବାବୁଙ୍କ ପୁଅ । ସେ ପ୍ରକୃତରେ ବିଷଖାଇ ମରି ନାହାନ୍ତି । ତାଙ୍କୁ ବିଷ ଦେଇ ହତ୍ୟା କରାଯାଇଛନ୍ତି । ଅଦ୍ଭୁତ ଗୋଟିଏ କଥା ତାଙ୍କୁ ବିଷ ଇଞ୍ଜେକ୍ସନ ଦିଆ ଯାଇଛି । ହତ୍ୟାକାରୀ ମୁଠାଏ ଟଙ୍କା ପାଇଁ ତାଙ୍କୁ ହତ୍ୟା କରିଛି । ଏ ବିଷୟ ତାଙ୍କ ପକେଟ ବୁକ୍‌ରୁ ଜଣା ପଡ଼ିଲା । ହତ୍ୟାକାରୀ କିଏ ? ତାର ମୁଠା ବିଷୟ କଣ ? ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ । ଏଥିପାଇଁ ପୁଲିସ ସୁଇଁ ଦା ରମାକାନ୍ତ ବାବୁଙ୍କୁ ରଖାଗଲା । × × ×

(୪)

ଝଡ଼—ଝଡ଼ । ସମୁଦ୍ର ଗର୍ଜୁଛି । ଲାଲ ନୀଳ ଚେଉରର ଚନ୍ଦ୍ରଙ୍କର ଶୀତଳ ସ୍ନିଗ୍ଧକିରଣ ପଡ଼ି ଚକ୍ ଚକ୍ କରୁଛି । ଜାହାଜ ନୌକାର ପରେ ଗୋଟାଏ ଆସି କୂଳରେ ବାଜୁଛି । ଫେଣ ମାଳ ଏଣେ ତେଣେ ଭାସି ବୁଲୁଛି । ସେତେବେଳକୁ ରାତି ଗୋଟାଏ । ସମୁଦ୍ର ଭିତରେ ଦୂରୁ ଦୂରରେ ଦେଖାଗଲା ଆଲୋକର କ୍ଷୀଣ ରେଖା । କ୍ରମେ ତୋଇଟା ଭାସି ଭାସି ସମୁଦ୍ର କୂଳଠାରୁ ମାତ୍ର ପାଇଲ ଦୂରରେ ଗତି ପରିବର୍ତ୍ତନ କଲା । ସେ ବତୀଟା ଥିଲା ଗୋଟାଏ ଜାହାଜର ଏବଂ ସେ ଜାହାଜ ଜଣେ ବ୍ୟବସାୟୀଙ୍କର । ସେ ଅନେକଗାରୁ ମାଲ ଆଣି ଭାରତରେ ବ୍ୟବସାୟ କରନ୍ତି । ସେ ଜଣେ ଆମେରିକାନ । ସେଦିନ ଜାହାଜରେ ଥିଲା ତିରିଶ ହଜାର ଟଙ୍କାର ଜିନିଷ । ବ୍ୟବସାୟୀଙ୍କ ନାମ ହୋମାର । ସେ ଜାହାଜର ଗୋଟିଏ କୋଠରୀରେ ବସି ଦରକାରୀ କାଗଜପତ୍ର ଦେଖୁଥିଲେ ।

ଡ୍ରାଇଭର ନୀରବରେ ଚାଳୁଛନ୍ତି । ଏହି ସମୟରେ ତାଙ୍କ ନିକଟରେ ଦେଖାଦେଲେ ଦୁଇଟା ଭୀଷଣ କାୟମୂର୍ତ୍ତି—ମୁହଁରେ ଗୋଟାଏ ଲେଖାଏଁ ମୁଖା—ହାତରେ ଦୁଇଟା ଲେଖାଏଁ ରିଭଲ୍‌ଭର୍ । 'ପ୍ରଥମ ଲୋକଟି ଅର୍ଡ଼ର ଦେଲା ଉଠିଯାଅ ସେଠୁ' ସେତେବେଳକୁ ଚାଳକର ହୃତକମ୍ପ ଆରମ୍ଭ ହେଲାଣି, ପାଟି କରିବା ଶୁଭ ମନେ ନ କରି ସେ ନିଜ ସ୍ଥାନ ତ୍ୟାଗ କଲେ । ଦ୍ୱିତୀୟ ଲୋକ ତାଙ୍କୁ ଜୋର କରି ବାନ୍ଧି ପକାଇଲା । ଜାହାଜ ଗତି ପରିବର୍ତ୍ତିତ ହୋଇ କୂଳ ଆଡ଼କୁ ହେଲା । ହୋମାର ଗର୍ଜି ଉଠିଲେ "ଏ କଣ ହେଲା ଡ୍ରାଇଭର ।"

"କିଛି ନୁହେଁ ଆଗରେ ଗୋଟିଏ ପାହାଡ଼" ଡ୍ରାଇଭର ସିଟ୍‌ରୁ ଉତ୍ତର ଦେଲା ଯେଉଁ ଦସ୍ୟୁଟା । ହୋମର ପୁଣି ନିଜ କାର୍ଯ୍ୟରେ ମନ ନିବେଶ କଲେ । ଜାହାଜ କଡ଼େ କଡ଼େ ଚାଲିଛି—ଦୁଇଟା ଦସ୍ୟୁ ବୋଟେଇ ଦେଉଛ । କେଇ ଏ ମିନିଟ ଭିତରେ ଜାହାଜ ଚାଲି ଚାଲି କୂଳ ନିକଟରେ ବନ୍ଦ ହେଲା । କୂଳରେ ପଡ଼ୁଅଛି କେନସ୍ତ୍ର । ପାଣିରେ ଦୁଇଟା ବୋଟ ଜାହାଜ ଅଟକିବା ଦେଖି ହୋମାର ଦ୍ୱିତୀୟ ଥରପାଇଁ ଗର୍ଜି ଉଠିଲେ "ଏ କଣ ହେଲା ଡ୍ରାଇଭର ଏଠି ଅଟକାଇଲ କାହିଁକି ?"

ସେତେବେଳକୁ ଦୁଇଟା ବୋଟରୁ ଗଣ୍ଡା ଦଳ ଜାହାଜ ଭିତରକୁ ପଶି ଆସିଲେଣି । ଗୋଟାଏ ଦସ୍ୟୁ ଉତ୍ତର ଦେଲା "ଭଦ୍ରମହୋଦୟ ବନ୍ଧୁ ଚୁପ୍ ହୋଇ ବସି ରହନ୍ତୁ" ଦସ୍ୟୁ ହାତରେ ରକ୍ତଖିଆ ଛୁରୀ ଚକ୍ ଚକ୍ କରି ଉଠିଲା । ହୋମାର ରିଭଲ୍‌ଭର ପାଇଁ ପକେଟରେ ହାତ ପୂରାଇଲେ । "ଖାଲିହାତ ଉପରକୁ ଟେକନ୍ତୁ ନହେଲେ ଏହି ଛୁରୀରେ ହୃତପିଣ୍ଡଟା କାଟି ଆଣିବି ।" ହୋମାର କିଛି ଉପାୟ ନପାଇ ଦୁଇହାତ ଉପରକୁ ଟେକିବାକୁ ବାଧ୍ୟ ହେଲେ । ସେତେବେଳକୁ ଜାହାଜରୁ ମାଲ ସବୁ ବଣ ମଧ୍ୟକୁ ବୁହା ଚାଲିଥାଏ ।

ଦୁଇଘଣ୍ଟା କାଳ ଜାହାଜ ଠିଆ ହୋଇ ପୁଣି ଚାଲିଲା । ଏଥର ସମସ୍ତଙ୍କୁ ମୁକୁଳାଇ ଦିଆଗଲା । ଡ୍ରାଇଭର ନିଜ ସ୍ଥାନ ଅଧିକାର କଲେ । ଜାହାଜ ପାଖେ ପାଖେ ଚାଲିଥିବା ଦୁଇଟା ବୋଟ କୂଳକୁ ଫେରି ଆସିଲା । ରାମସିଂ ଗୋଟାଏ ତୃପ୍ତିର ହସ ହସି ବୋଟ ମୁହଁ ବଢ଼ାଇ ଦେଲେ ।

ରାମସିଂ ତାସ ଖେଳିବା କାର୍ଯ୍ୟରୁ ବିରତ ହୋଇ ବର୍ତ୍ତମାନ ଏହି କାର୍ଯ୍ୟରେ ଲାଗିଛନ୍ତି । ସେ ସ୍ଥଳ ଦସ୍ୟୁତା ଛାଡ଼ିଛନ୍ତି, ବର୍ତ୍ତମାନ ସେ ଜଳଦସ୍ୟୁ, ତଥାପି ତାସ ଖେଳିବା ଆଶା ଛାଡ଼ିନାହାନ୍ତି ।

## (୭)

ଝର୍ଣ୍ଣି ବାର—ଅତ୍ୟାଶ୍ଚର୍ଯ୍ୟ ବନ୍ଦସ୍ତ । ତା ଭିତରେ ଠିକ୍ ମଝିଭାଗରେ ଅଛି ଗୋଟିଏ କଣ୍ଟାବୁଦା । ଗୋଟିଏ ଖାଲି ଜାଗାକୁ ଜକ୍ରି ବୁଦାଟି ଘେରି ରହିଛି । ସେହି ଖାଲି ଜାଗାରେ ଅଛି ଗୋଟିଏ ଗାତ କୂପ ସଦୃଶ । ଗାତଟିର ମୁଖରେ ଖଣ୍ଡେ ବଡ଼ ପଥର ଥୁଆ ଯାଇଛି । ଗାତଟି ଠିକ୍ ଗୋଟାଏ ସୁଡ଼ଙ୍ଗ ପରି ହୋଇଛି । ଗାତଟିର ନିମ୍ନ ଦେଶରେ ଗୋଟିଏ ଛୋଟ କୋଠରୀ । କୋଠରୀର ଅଗ୍ନିକୋଣରେ ଅଛି ଗୋଟିଏ ସୁଇଚ୍ । ସେ ସୁଇଚରେ ହାତ ମାରିଲେ ଗୋଟିଏ ଅଦୃଶ୍ୟ ଦ୍ୱାର ଫିଟିଯିବ । ସେହି ବାଟରେ ଗଲେ ପଡ଼ିବ ଗୋଟିଏ ଗଳି । ଗଳିର ଦୁଇ କଡ଼ରେ ଛୋଟ ଛୋଟ କୋଠରୀ । ଠିକ୍ ଦ'ସାରି ଗାଈଁ ଭଳି ଦେଖାଯାଏ । ସେହି ସବୁ କୋଠରୀର ପଛ ପାଖେ ଅଛି ଅନେକ କୋଠରୀ । ସେ ସବୁ ବିଷୟ ବର୍ତ୍ତମାନ ଜାଣିବା ଅନାବଶ୍ୟକ । କୋଠରୀଗୁଡ଼ିକ ଦସ୍ୟୁମାନଙ୍କ ଦ୍ୱାରା ପରିପୂର୍ଣ୍ଣ ।

ପାଠକମାନେ ଏହାକୁ ଯେପରି ରାମସିଂର ଅଡ୍ଡା ବୋଲି ନ ଭାବନ୍ତି, ଏ ଅଡ୍ଡାର ସର୍ଦ୍ଦାର ଜଣେ ଓଡ଼ିଶାର ଲୋକ ।

ଜନ୍ମ ସ୍ଥାନ ତାଙ୍କର କଟକ । ତାଙ୍କର ସହକର୍ମୀ ଜଣେ ନାରୀ ତାଙ୍କ ଝିଅ । ଏହି ନାରୀ ସେ ଅଡ୍ଡାର ମାଲିକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଅଡ୍ଡାଟା ଅବସ୍ଥିତ କଟକ ଜିଲ୍ଲାର ସମୁଦ୍ର ଉପକୂଳରେ । ଗମଙ୍ଗିହ ଅଡ୍ଡାଟା କନ୍ଦୁ ପୁରୀ ଉପକୂଳରେ । ବର୍ତ୍ତମାନ ଆମର ଢପଯୁ ଉପରକୁ ଆସନ୍ତୁ । ଗଳିର ବାମ ପାଖ ଧାଡ଼ିରେ ଥିବା ପଞ୍ଚମ କୋଠରୀରେ ଆମର ପୂର୍ବ ପରିଚିତ ତାସକୁ ଜଣେ ନାରୀ ଦେଖିବାରେ ବ୍ୟସ୍ତ । ନିକଟରେ ଜଣେ ବୃଦ୍ଧ ଉପସ୍ଥିତ । ନାରୀଟି କଳାପାନ ଛବିର ପଛ ପାଖରେ ନାନାପ୍ରକାର ପରୀକ୍ଷା କରୁଛନ୍ତି । ବୃଦ୍ଧ ସେହି ଆଡ଼କୁ ନିବିଷ୍ଟ ଚିତ୍ତରେ ଗୃହୁଁ ଅଛନ୍ତି । ହଠାତ୍ ନାରୀଟି କହି ଉଠିଲେ "ବାପା ସ୍ପିରିଟ ଟିକେ ମଗାନ୍ତୁ ।", ବୃଦ୍ଧ ସଙ୍ଗେ ସଙ୍ଗେ କଲିଂବେଲ ବଜାଇଲେ । ଜଣେ ଭୀମକାୟ ଲୋକ ସମ୍ମୁଖରେ ଆସି ଠିଆ ହେଲା । ବୃଦ୍ଧ ତାକୁ ବିଜ୍ଞାନାଗାରରୁ ସ୍ପିରିଟ ଆଣିବାକୁ ଆଦେଶ ଦେଲେ । ପାଠକେ ଚମକି ପଡିବେ ନାହିଁ ଏଠି ବିଜ୍ଞାନାଗାର ଅଛି ବୋଲି । ଏ ଦସ୍ୟୁକୁ ଜଣେ ସାମାନ୍ୟ ଦସ୍ୟୁ ବୋଲି ମନେ କରନ୍ତୁ ନାହିଁ ।

କିଛି ସମୟ ପରେ ସେହି ଲୋକଟି ବିଜ୍ଞାନାଗାରରୁ ସ୍ପିରିଟ ଆଣି ଦେଇଗଲା । ଗୀତା ସ୍ପିରିଟକୁ ନିଜେ ତିଆରି କରିଥିବା ଖଣ୍ଡେ ଶୁଭ୍ର କାଗଜରେ ବୋଳି ଦେଲେ । ସେ କାଗଜ ଖଣ୍ଡିକରେ ଗୋଟିଏ ସୁନ୍ଦର ଛବି ଫୁଟି ଉଠିଲା । ଗୀତା ମୁଖରେ ହସ ଫୁଟି ଉଠିଲା । ବୃଦ୍ଧ ଟିକେ ଆଗକୁ ଝୁଙ୍କି ପଡ଼ିଲେ । ଗୀତା କହିଲା "ବାପା ଏଥର ଆମର ମ୍ୟାପ ମିଳିଛି । ଆମେ ଆଜି ସଫଳ ହୋଇଛୁ । ଦେଖନ୍ତୁ ବର୍ତ୍ତମାନ ଏହି ସ୍ପିରିଟ ଏହି ତାସ ପଛ ପାଖରେ ବୋଳି ଦେଲେ ଆମେ ଆମର ମ୍ୟାପ୍ ଟିକୁ ପାଇ ପାରିବା । ଏତିକି କହି ଗୀତା କଳାପାନ ଛବିର ପଛ ପାଖରେ ସ୍ପିରିଟ ବୋଳିଲା । ସେଠୁ ଗୋଟିଏ

ସୁନ୍ଦର ମ୍ୟାପ ଫୁଟି ଉଠିଲା । ବୃଦ୍ଧ ଆନନ୍ଦରେ ନାଚ ଉଠିଲେ । ସଙ୍ଗେ ସଙ୍ଗେ ଦସ୍ୟୁମାନଙ୍କୁ ସେଦିନ ମଜଲି ଦେବା ପାଇଁ ସ୍ୱାଧୀନ ଦିଆଗଲା । ତା ପରେ ଅଡୁ । ମଜଲି ମଜଲିସ କୋଳାହଳରେ କମି ଉଠିଲା । ମଦ ବୋତଲ ସବୁ ଆସିଲା ।

(୭)

ରମାକାନ୍ତ ବାବୁଙ୍କ ବୈଠକଘର । ରମାକାନ୍ତ ବାବୁଙ୍କ ମୁଣ୍ଡରେ ଟେକଇଟା ପ୍ରଶ୍ନ ଖେଳି ବୁଲୁଛି । ଡାସ ବର୍ତ୍ତମାନ କେଉଁଠି ? ରଜନୀ ବାବୁଙ୍କ ହତ୍ୟାକାରୀ କିଏ ? ସମସ୍ତେ ତାହାଙ୍କରୁ ଲୁଚ କରନ୍ତ ନାହିଁ ? ଏସବୁ ପ୍ରଶ୍ନର ଉତ୍ତର ସେ ଖୋଜି ପାଉ ନଥିଲେ । ସେ ଭାବୁଥିଲେ—ପ୍ରଶ୍ନର ଉତ୍ତର ଖୋଜୁଥିବାଲ ମୁଣ୍ଡ ଉପରେ ଇଲେକଟ୍ରିକ ଫ୍ୟାନ ଶୀତଳ ପବନ ପରଷୁଛି । ସେ ଭାବୁଛନ୍ତି ଏହି ସମୟରେ ଆସି ପହଞ୍ଚିଲେ ଗାୟତ୍ରୀ ଦେବୀ । ଯୌବନ ଢଳ ଢଳ—ନୀଳ ରଙ୍ଗର ବ୍ଲାଉଜ ସାଙ୍ଗକୁ ନାଲି ଜର୍ଜେଟ ଶାଢ଼ୀ ଖୁବ ସୁନ୍ଦର ଦେଖା ଯାଉଛି । ଗୋରୀ ଢକ୍ ଢକ୍ ମୁହଁଟି ତାଙ୍କର ପ୍ରଖର ସୂର୍ଯ୍ୟ ତାପରେ ଶେଫାଳି ଫୁଲ ଝାଉଁଳି ପଡ଼ିଲା ପରି ଝାଉଁଳି ପଡ଼ିଛି ।

"ଗୁଡ୍‌ମର୍ଣ୍ଣିଂ ମିସ୍ ଗାୟତ୍ରୀ ଦେବୀ ! ଆସନ୍ତୁ ! ପୁଣି ଗୋଟାଏ ନୂଆ ଖବର ବୋଧେ ?··· ରମାକାନ୍ତ ବାବୁ ପ୍ରଶ୍ନ କଲେ । ଗାୟତ୍ରୀ ଦେବୀ ଫିକା ହସ ହସି ଉତ୍ତର ଦେଲେ ।"

"ଏକଜାକ୍ଟଲି ସାର । ସମସ୍ତଙ୍କଠାରୁ ମୁଁ ଆଜି ଗୋଟାଏ ଚିଠି ପାଇଛି ଦେଖନ୍ତୁ ।" ଏତକ କହି ସେ ଚିଠିଟି ରମାକାନ୍ତ ବାବୁଙ୍କ ଆଡ଼କୁ ବଢ଼ାଇଦେଲେ । ରମାକାନ୍ତ ବାବୁ ପଢ଼ିଲେ ଲେଖା ଥିଲା ··· ···

ମିସ୍ ଗାୟତ୍ରୀ ଦେବୀ ତୋ ପାଖରେ ବର୍ତ୍ତମାନ ଡାସ ଅଛି । ନଷ୍ଟସ୍ ଅଛି, ରଜନୀ ମରିଛି ମୁଁ କହୁ ପାରିବିନାହିଁ । ଭାବୁଛି ପୁଣି

ଗୋଟାଏ ଦସ୍ୟୁ ସେ ଘାସ ପିଲ୍ଲୁ ଲଟିଛନ୍ତି । ଯାହା ହେଉ ସେ ଘାସ ମୋତେ ଦେଇଦେ । ନଚେତ୍ ଗାୟତ୍ରୀ ଦେବୀଙ୍କ ହତ୍ୟାକାରୀ ସୁମନ୍ତିଙ୍କୁ ପୋଲିସ୍ ଖୋଜି ବୁଲିବ । ଦୁଇଦିନ ପରେ ମୁଁ ତୋ ନିକଟରେ ପହଞ୍ଚିବି । ଯ୍ୟାଭିଲରେ ପ୍ରସ୍ତୁତ ହୋଇଥିବୁ ମୃତ୍ୟୁ ପାଇଁ । ନଚେତ୍ ଘାସ ଫେରାଇ ଦେବା ପାଇଁ । ସାବଧାନ ମୋ ପିଲ୍ଲୁ ପୋଲିସ୍ ଲଗାଇଲେ ଜମ୍ମା ସେ ଦିନ ପୋଲିସ୍ ଜଗାଇଲେ ଟେଡା ସମ୍ପୂର୍ଣ ଜେତେ ପୋଲିସଙ୍କ ଜୀବନ ଯିବ ।

ତୋର ମୂର୍ତ୍ତି ପଥରାତ
ସୁମନ୍ତି

ଗାୟତ୍ରୀ ଦେବୀ କହିଲେ "ମୁଁ ଭାବୁଛି ସୁମନ୍ତି ବ୍ୟତୀତ ଅନ୍ୟ ଗୋଟାଏ ଦସ୍ୟୁ ଅଛି ଯାହା ପାଖରେ କି ବର୍ତ୍ତମାନ ଅମର ଘାସ ଅଛି ।" "ଏକଜାକ୍ଟଲି" ଉତ୍ତର ଦେଲେ ରମାକାନ୍ତ ବାବୁ । କିଛି ସମୟ ଏହି ବିଷୟ ଆଲୋଚନା ହେବା ପରେ ଗାୟତ୍ରୀ ଦେବୀ ବିଦାୟ ନେଲେ । ରମାକାନ୍ତବାବୁ ଅନ୍ୟ ଏକ କାଗଜରେ ମନ ନିବେଶ କଲେ । ସେଇଟା ଥିଲା ଗୋଟାଏ ଚିଠି । ତାର ଅବିକଳ ନକଲ ।

ଗଡ଼ର ଦଳ୍ଲି କାର୍ଯ୍ୟାରମ୍ଭଃ

ଖମଲ ସ୍ନୁହଟେକ ସବାବ
ଚାହକ ମଜର ଖସଡ ବହୁକ ଖତର
ଅସୃଭ ପାଢଅ କଦଳୀ ଦଶବ ମଠାଣି
ପରେକଣ ହସର କାମୁକ ମାଦ୍ରେର ମୁକ୍ତଜ
କଳପ ଙ୍ଗରେଣ ହାମୋର ସତେଜ ମଦେଇ
ପିଖାଇ ମଜର ବରଣି ।

ବାଇଷ ସଡଅ
ବର୍ଗିଗୁ ଟେସ ତାର ।

ରମାକାନ୍ତ ବାବୁ କିଛି ଉପାୟ ବୁଝି ପାରିଲେ ନାହିଁ । ଏତିକି ମାତ୍ର ଲକ୍ଷ କଲେ ଯେ ଚିଠିଟି ତିନୋଟି ଅକ୍ଷର ଥିବା ଚୋଟିଏ ଲେଖା ଶବ୍ଦମାନଙ୍କରେହିଁ ଲେଖା । ରମାକାନ୍ତ ବାବୁ ପୁଣି ସେଥିରେ ମନ ନିବେଶ କଲେ । ଏବଂ ଭଲ ଭାବରେ ଭାବିଲେ ଚିଠିଟି କଣ ହୋଇପାରେ । କିଛି ସମୟ ପରେ ତାଙ୍କ ମୁଖରେ ହସ ଫୁଟି ଉଠିଲା । ସେ ଆନନ୍ଦରେ "ପାଇଛି" ପାଇଛି ବୋଲି ନାଚି ଉଠିଲେ । ସେ ଶବ୍ଦମାନଙ୍କର ମଝି ଅକ୍ଷର ସବୁ ପଢ଼ିଲେ ପ୍ରକୃତ ଚିଠିଟି ଜଣାପଡ଼ିବ । ପ୍ରକୃତ ଚିଠିଟି ଏହିପରି ।

ଡାଲ୍‌ଓ୍ୟାର !

ପତ୍ର ବାହକ ସହିତ ରାତି ଦଶଟାରେ ସମୁଦ୍ର କୂଳରେ ମୋତେ ଦେଖା କର । ଇତି

"ଗୀତା"

ପତ୍ର ବାହକ ମରିଛି । ଏଥର ନୂଆ ପତ୍ରବାହକ ହେବେ ରମାକାନ୍ତ ବାବୁ ।

× × × ×

ରମାକାନ୍ତ ବାବୁ ରାତି ଭୋଜନ ଶେଷ କରି ଦଶଟା ପୂର୍ବରୁ ଚାଲିଗଲେ ଡ୍ରେସିଂରୁମ୍‌କୁ । ଗୀତାର ପତ୍ର ବାହକ ବେଶରେ ସଜାଇ ବାହାରି ପଡ଼ିଲେ ସମୁଦ୍ର କୂଳକୁ ।

ସମୁଦ୍ର ଗର୍ଜ୍ଜୁଛି, ଜଙ୍ଗଲ ପାଖ । ତେଣୁ କୂଳ ଲୋକଶୂନ୍ୟ, କେହି କେଉଁଠି ନାହିଁ । ରମାକାନ୍ତ ବାବୁ ଦେଖିବାକୁ ପାଇଲେ ଆଲୋକର କ୍ଷୀଣ ରେଖା ଗଛ ଜାହାଜରୁ ଆସୁଛି । ସେ ସେଇଆଡ଼କୁ ଆଗେଇଲେ ।

"ରକ୍ତର ଛୁରି"

ରମାକାନ୍ତ ବାବୁ ବୁଝି ପାରିଲେ ଯେ ଏଇଟା ତାଙ୍କର ସଙ୍କେତ । ସେ ପ୍ରତି ଉତ୍ତର ଦେଲେ ।

"ରକ୍ତର ରୁଗ୍ୟ"

"କିଏ ବାଦଲ ? ଖବର କଣ" ପ୍ରଶ୍ନ କଲା ଗଛ ଉହାଡ଼ରେ ଥିବା ନାରୀ ।

ଦଲ୍‌ୱାର ଧରା ପଡ଼ିଛି, ବର୍ତ୍ତମାନ ସେ ପୋଲିସ୍ ହାତରେ । ଉତ୍ତର ଦେଲା ବାଦଲ । ବର୍ତ୍ତମାନ ତେବେ ତୁମେ ମୋ ସହିତ ଅସ । ଗୀତା ଆଗେ ଆଗେ ଚାଲିଲା, ତାପଛେ ବାଦଲ । ଅଦୂରରେ ଗୋଟାଏ କାର ଅପେକ୍ଷା କରିଥିଲା । ଦୁହେଁ ସେଥିରେ ବସିଲେ । କାର ଚାଲିଲା ବଣ ଭିତରକୁ । ପୂର୍ବ ବର୍ଣ୍ଣିତ ବୁଦା ନିକଟରେ କାର ରହିଲା । ଦୁହେଁ ଭିତରକୁ ଗଲେ । ବାଦଲ ବେଶରେ ରମାକାନ୍ତ ବାବୁ ଦସ୍ୟୁ ଅଡ୍ଡାରେ ରହିଲେ । × × ×

ଠିକ୍ ଦଶଦିନ ପରେ ବାଦଲ ନେତୃତ୍ୱରେ ଦଳେ ପୋଲିସ୍ ବଣ ଭିତରେ ପଶିଲେ । ସେଠୁ ଗାତ ଭିତର ଦେଇ ଏମାନେ ପଶିଲେ ଦସ୍ୟୁର ଅଡ୍ଡା ଭିତରେ । ସେଠି ଦ, ସା'ଗ କୋଠରୀ ପ୍ରତି । କୋଠରୀରେ ଇଲେକ୍ଟ୍ରିକ୍ ବତୀ । ପଞ୍ଚମ ଘରେ ଥିଲା ଗୀତା । କଣ ଦେଖିବାକୁ ରହି ଥିଲା ସେ । ହଠାତ୍ ରିଭଲଭର୍ ହସ୍ତ ପ୍ରବେଶ କଲା ବାଦଲ । "ହ୍ୟାଣ୍ଡସ ଅପ୍ ପ୍ଲିଜ" ବାଦଲ ଆଦେଶ ଦେଲା ।

"କିଏ ବାଦଲ ତୁମେ ?" ଗୀତା ପ୍ରଶ୍ନ କଲା, ହଁ ମୁଁ ଗୀତା ଦେବୀ ଦୁଇହାତ — ହଠାତ୍ କିଂ କରି ଗୋଟାଏ କଣ ଶବ୍ଦ ହେଲା । ଘରର ଆଲୁଅ ଦପ୍ କରି ଲିଭିଗଲା । ବାହାରେ ପୋଲିସର ବନ୍ଧୁକ ଗର୍ଜି ଉଠିଲା । ଭିତରେ ରମାକାନ୍ତ ବାବୁ ଟର୍ଚ୍ଚ ଜାଳିଲେ । ଆଶ୍ଚର୍ଯ୍ୟ କେଉଠି କେହି ନାହିଁ । ସେ ସେଠାରୁ ବାହାରି ଆସିଲେ ଯେଉଁ କୋଠରୀ ଗୁଡ଼ିକ ବିଜୁଳି ଆଲୁଅରେ ଉଦ୍ଭାସିତ ହେଉଥିଲା

ସେ କୋଠରୀ ଗୁଡ଼ିକ ବର୍ତ୍ତମାନ ଅନ୍ଧାର । ଖୋଜା ଖୋଜି ହେଲା । କେଉଁଠାରେ ଗୋଟାଏ ହେଲେ ଦସ୍ୟୁର ସନ୍ଧାନ ମିଳିଲା ନାହିଁ । ରମାକାନ୍ତ ବାବୁ ୬ନମ୍ବର କୋଠରୀରେ ପଶିଲେ । ସେ କୋଠରୀର ଉତ୍ତର ପଟରେ ଥିଲା ଗୋଟାଏ ଦରଜା । ସେ ସେ ଦରଜା ପାର ହୋଇ ଅଗ୍ରସର ହେଲେ ଗୋଟାଏ କୋଠରୀ ନିକଟରେ । ତାଙ୍କ ପଛରେ ଥିଲେ ଢେଙ୍କାନାଳ ପୋଲିସ୍ । ସେ ଘରଟି ଥିଲା ଖଜାନାଗାର । ରମାକାନ୍ତ ବାବୁ ଭିତରେ ପଶିଲେ । ଏମାନେ ବାହାରେ ରହିଲେ । କୋଠରୀଟି ଖଜାନା ପତ୍ରରେ ପୂର୍ଣ୍ଣ । କିନ୍ତୁ ସେଠାରେ କେହି ଲୋକ ନ ଥିଲେ । ରମାକାନ୍ତ ବାବୁ କୋଠରୀଟିକୁ ଭଲ ଭାବରେ ଦେଖିଲେ କେହି କେଉଁଠି ନାହିଁ । ହଠାତ୍ କୋଠରୀ ଉପରୁ ପାଣି ପଡ଼ିଲା । ଏବଂ କୋଠରୀର ଦରଜା ବନ୍ଦ ହୋଇ ଆସିଲା । ରମାକାନ୍ତ ବାବୁ ଏକା କୁଦାରେ ଦରଜାର ବାହାର ପଟେ ପଡ଼ିଲେ । ଦରଜା ବନ୍ଦ ହୋଇଗଲା । ରମାକାନ୍ତ ବାବୁ ଭାବିଲେ ଶତ୍ରୁକୁ ମାରିବାକୁ ଦସ୍ୟୁର ଏ କୌଶଳ । କୋଠରୀ ଗୁଡ଼ିକ ବୋଧହୁଏ ସମୁଦ୍ର ସହିତ ସଂଯୁକ୍ତ ଅଛି । ଯାହା ଫଳରେ ଏ ପାଣି ଆସିଲା । ଯାହାହେଉ ଅଳ୍ପକେ ମୁଁ ରକ୍ଷା ପାଇଲି । ଗଡ ଇଜ୍ ଗ୍ରେଟ୍ ।

ସେଦିନ ପୋଲିସ୍ ବିଫଳ ହୋଇ ଫେରିଲେ । ଦସ୍ୟୁ ବୋଟେଇ ବୋଟ ସମୁଦ୍ରରେ ପଳାଇଲା ।

(୮)

ଗାୟତ୍ରୀ ଦେବୀ ପୋଲିସ୍ ଥାନାରେ ସେଦିନ ରହିଲେ । ପୋଲିସ୍ ପହରା ଅତିକ୍ରମ କରି ସ୍ୱପ୍ନସିଂ କୌଣସି ମତେ ଥାନା ଭିତରକୁ ଯିବାକୁ ସୁବିଧା ପାଇଲା ନାହିଁ । ସେ ଫେରିଲେ । X X

ସେଦିନ ଗୀତା ପୋର୍ଟ୍‌ଠାରୁ ଟଙ୍କା ପାଇଲା । ସନ୍ଧ୍ୟା ବେଳେ ଜାହାଜରେ ମାଡ୍ରାସ ପଳାଇଗଲା । ଜାହାଜ ଖୁବ୍ ଜୋରରେ ଚାଲିଛି । ଗୀତା ବସି ନିଜର ଭବିଷ୍ୟତ ଭାବୁଛି । ରହମନ୍ ଜାହାଜର ସ୍ପିଡ୍ ଖୁବ୍ ବଢ଼େଇ ଦେଇଛନ୍ତି । ହଠାତ୍ ଇଞ୍ଜିନ୍ ଖୁବ୍ ଗରମ ହୋଇ ଇଞ୍ଜିନ୍‌ରେ ନିଆଁ ଲାଗିଲା । ରହମନ୍ ଚାଲୁର ଭଳି ଉଠିଲା । କ୍ରମେ ନିଆଁ ଜାହାଜରେ ଲାଗିଲା । ଗୀତା କେତେକ ଦସ୍ୟୁଙ୍କୁ ନେଇ ନିଜର ବାପାଙ୍କ ସଜ୍ଜିତ ଜାହାଜରେ ଥିବା ଡଙ୍ଗି ସାହାଯ୍ୟରେ ମାଡ୍ରାସ ଉପକୂଳରେ ଥିବା ମାସୁଲି ପାଟମକୁ ପଳାଇଲେ । ଜାହାଜ ଜଳିବା ସଙ୍ଗେ ସଙ୍ଗେ ବୁଡ଼ିବାକୁ ଉପକ୍ରମ କଲା । ଦେଢ଼ଶହ ଜଣ ଯାତ୍ରୀ ଅଗ୍ନି ଜଳାଇ ଜୀବନ ହରାଇଲେ । ଗୀତା ମାସୁଲି ପଟମରେ ଦସ୍ୟୁତା ଆରମ୍ଭ କଲା । ମାଡ୍ରାସର ଖବର କାଗଜରେ ଜେନ୍ସି ଡକାୟତି ନେଇ ଅନେକ ଖବର ବାହାରିଲା ।

ରାମସିଂ ଗୀତାର ଜାହାଜ ବୁଡ଼ିବା ଓ ମାଡ୍ରାସରେ ତାର ପୁନଃ ଦସ୍ୟୁତା ଖବର ପାଇ ମାଡ୍ରାସକୁ ଯାତ୍ରା କଲା । × × ×

ସମୁଦ୍ର କୂଳରେ ମାସୁଲି ପାଟମରେ ଗୋଟିଏ ପର୍ବତ । ପର୍ବତର ଦକ୍ଷିଣ ଦିଗରେ ଅର୍ଦ୍ଧରୁ ସମୁଦ୍ର ଅଞ୍ଚଳ ଜାଗାଏ ବଣ । ସେହି ବଣ ମଧ୍ୟରେ ଅଛି ଗୋଟିଏ ଗୁହା । ଗୁହାରେ ଗୁଟିଏ କୋଠରୀ । ଗୋଟିକରେ ଗୀତା ବସି ଭାବୁଛି ସମୁଦ୍ର ଭିତରେ ଯେଉଁ ଦ୍ୱୀପକୁ ଯିବା କଥା । ସେଇଁ ଦ୍ୱୀପସ୍ଥ ଗୋଟିଏ ପାହାଡ଼ର ଗୁହାରେ ଅଛି ରମାକାନ୍ତ ବାବୁଙ୍କ ଗୁପ୍ତଧନ । କପରି ଯିବ, କେଉଁଦିନ ସେଠାକୁ ଯାତ୍ରା କରିବ, ଏହିକଥା ସେ ଭାବୁଛି । ଅଧିକ ସମୟ ପରେ ହଠାତ୍ ରାମସିଂ ସେଠାରେ ପହଞ୍ଚିଲା । ହାତରେ ରିଭଲ୍‌ଭର୍ ।

“ଗୀତା ! ତୁ ମୋତେ ଖୁବ୍ ଠକାଇଛୁ, ଦେଇ ଦେ ସେ ତାସ । ନଚେତ୍ ଗୁଳି ଏହି ରିଭଲ୍‌ଭର୍‌ରୁ ।”

ସେତେବେଳେ ଗୀତାର କୋଠରୀରେ କେହି ନଥିଲେ । ନିକଟରେ ଗୋଟିଏ କୋଠରୀରେ ଥିଲେ ତାର ପିତା । କିନ୍ତୁ ଡାକିବାର ଶକ୍ତି ନାହିଁ । ଡାକିଲେ ମୃତ୍ୟୁ ନିଶ୍ଚିତ୍ । ବର୍ତ୍ତମାନ ରାମସିଂ କବଳରୁ ଉଦ୍ଧାର ପାଇବା ସହଜ ନୁହେଁ । ସେ କହିଲା—

"ଜାଣନା ରାମସିଂ, ମୁଁ ତୁମକୁ କେତେ ଭଲପାଏ । ମୁଁ ଜାଣିଥିଲି ତୁମେ ଏହି ତାସ ଖୋଜି ବୁଲୁଛ । ଏବଂ ଜାଣିଥିଲି ତୁମେ ଏହି ତାସ ପାଇଲେ ଆନନ୍ଦିତ ହେବ । ତେଣୁ ମୁଁ ଏହି ତାସକୁ ହସ୍ତଗତ କରିବାକୁ ଚେଷ୍ଟା କଲି । ଏବଂ ଶେଷରେ ତାସ ମୋ ହସ୍ତଗତ ହେଲା । ଯେତେବେଳେ ତାସ ମୁଁ ପାଇଲି ସେତେବେଳେ ତୁମକୁ ପାଇବା ଆଶା ମୋର ଏତେ ବଳବତ୍ତ ହୋଇଥିଲା ଯେ ମୁଁ ଆନନ୍ଦରେ ଅଧୀର ହୋଇ ପଡ଼ୁଥିଲି । କିନ୍ତୁ ତୁମକୁ ଖୋଜି ପାଇ ପାରିଲି ନାହିଁ । ପୋଲିସ୍ ଥରେ ମୋ ଦଳ ଉପରେ ଚଢ଼ାଉ କରିଥିଲେ । ମୁଁ ସେଠାରୁ ପଳାଇ ଆସିଲି ସମୁଦ୍ର ବାଟେ । ବାଟରେ ମୋ ଜାହାଜରେ ନିଆଁ ଲାଗିଲା, ସମସ୍ତେ ମଲେ । ମୁଁ କିନ୍ତୁ ରକ୍ଷା ପାଇଲି । ବର୍ତ୍ତମାନ ମୁଁ ଏଠି ତୁମକୁ ଅପେକ୍ଷା କରି ରହିଛି । ଆଜି ତୁମକୁ ପାଇଛି । ତେଣୁ ମୁଁ ଭାଗ୍ୟବାନ୍ ।

"ସତେ ? ସତେ ଗୀତା । ତୁ ମୋତେ ପ୍ରକୃତରେ ଭଲପାଉ । ମୁଁ କି ବୁଝିଥିଲି ତୋର ଭଳି ପରୀ, ତୋର ଭଳି ସାହାସୀ ପରୀ । ମୁଁ ଆଜି ଭାଗ୍ୟବାନ୍ ଗୀତା । ମୁଁ ଚାହେଁ ତୋତେ ଗୀତା, ମୁଁ ଚାହେଁ ତୋତେ । ରାମସିଂ ଅଧୀର ହୋଇ ପଡ଼ିଲା । ହାତରୁ ରିଭଲଭର୍ ଖସି ପଡ଼ିଲା । ସେ ଆବେଗରେ ଗୀତାକୁ କୋଳକୁ ଟାଣି ଆଣିଲା ।

ଏହି ସୁଯୋଗ ନେଇ ଗୀତା ତାର ଗୁପ୍ତଛୁରୀ ରାମସିଂ ପିଠିରେ ଭୁସି ଦେଲା । ରାମସିଂ ଆର୍ତ୍ତନାଦ କରି ଭୂମି ଉପରେ ଗଡ଼ିଗଲା ।

ବନ୍ଧୁର ପ୍ରେମ କରୁ କରୁ ପ୍ରାଣ ହରାଇଲା । ଗୀତା ହସି ଉଠିଲା ।
ହାଃ—ହାଃ—ହାଃ—

(୪)

ପୋଲିସ୍ ହେଡ୍ କ୍ୱାର୍ଟର । ଖଣ୍ଡେ ଗୋଲ ଟେବୁଲକୁ ଘେରି ବସିଥିଲେ ରମାକାନ୍ତ ବାବୁ ପ୍ରସିଦ୍ଧ ଗୁଇନ୍ଦା, ପୋଲିସ୍ ଇନ୍‌ସପେକ୍ଟର ରଞ୍ଜନାରାୟଣ ବାବୁ, ପୋଲିସ୍ ସାହେବ ଓ ଗାୟତ୍ରୀ ଦେବୀ । ରମାକାନ୍ତ ବାବୁ କହୁଥିଲେ ତାଙ୍କର ବଂଶ ଇତିହାସ । ସମସ୍ତେ ନୀରବରେ ବସି କଥା ଶୁଣୁଥିଲେ ।

ସେ କହୁଥିଲେ "ସମୁଦ୍ର ଭିତରେ ଗୋଟିଏ ଦ୍ୱୀପରୁ ପାହାଡର ଗୁହାରେ ଅଛି ବହୁ ଧନ ରତ୍ନ । ଏହି ରହସ୍ୟ ଜାଣିଥିଲେ ଦୁଇଜଣ ଲୋକ । ପ୍ରଥମ ଲୋକ ହରିଶଙ୍କ ମହାପାତ୍ର, ରମାକାନ୍ତ ବାବୁଙ୍କ ଜଣେ ସାଙ୍ଗ ଏବଂ ରମାକାନ୍ତ ବାବୁ ନିଜେ । କିନ୍ତୁ ଧନ ପରେ ହରିଶ ବାବୁ ମରିଗଲେ । ରହିଲେ ଜଣେ ଲୋକ ଯେଉଁ ସେ ଗୁପ୍ତ ଧନ କଥା ଜାଣେ । ରମାକାନ୍ତବାବୁଙ୍କର ଧନ ସମ୍ପତ୍ତିର ଅଭାବ ନ ଥିଲା । ତେଣୁ ସେ ଉକ୍ତ ଧନ ଆଣିବା ପାଇଁ ଇଚ୍ଛା କରୁନଥିଲେ । ତାଙ୍କର ଥିଲା ଗୋଟିଏ ପୁଅ ଏବଂ ଗୋଟିଏ ଝିଅ । ପୁଅ ରଜନୀ ବାବୁ ବର୍ତ୍ତମାନ ମୃତ ଏବଂ ଝିଅ ଗାୟତ୍ରୀ ଦେବୀ ବର୍ତ୍ତମାନ ଏଠି ଅଛନ୍ତି । ଏତିକି କହି ସେ ଗାୟତ୍ରୀ ଦେବୀଙ୍କ ଆଡ଼କୁ ଟିକେ ଚାହିଁଲେ । ତା ପରେ ପୁଣି ଆରମ୍ଭ କଲେ ରମାକାନ୍ତ ବାବୁ ।

ସେହି ଧନକୁ ତାଙ୍କର ସନ୍ତାନ ସନ୍ତତିଙ୍କ ଭବିଷ୍ୟତ ପାଇଁ ରଖିଥିଲେ ଏବଂ ଭବିଷ୍ୟତରେ ସେମାନେ ସେଠୁ ଆଣିବେ ବୋଲି ସେ ମୁଠାଏ ତାସ ତିଆରି କରିଥିଲେ । କଳାପାଣି ଝଡ଼ର ପଛ ପାଖରେ ସେ ଗୋଟିଏ ଅଦୃଶ୍ୟ ମ୍ୟାପ ସେହି ଦ୍ୱୀପକୁ ନିର୍ଦ୍ଦେଶ କରି ଆଙ୍କି ଥିଲେ । ମ୍ୟାପଟିକୁ କେହି ଦେଖି ପାରୁନଥିଲେ । ସେଥିରେ

ସ୍ପ୍ରିଙ୍ଗ ଖୋଲିଲେ ମ୍ୟାପଟି ଦେଖାଯିବ । କାଳେ ଏମାନଙ୍କୁ କହୁଥିବା ପୂର୍ବରୁ ସେ ମରିଯିବେ ସେଥିପାଇଁ ସେ ତାସଟିର ମ୍ୟାପଟି ତିଆରି କରିଥିଲେ । ଏହି ତାସ କଥା ଜାଣିପାରିଲେ ତାଙ୍କର ସମ୍ପର୍କୀୟ ଜଣେ ଭାଇ ଶିବବନ୍ଧୁ, ଗାୟତ୍ରୀ ଦେବୀଙ୍କର ଦାଦା । ସେ ତାସଟି ନେବା ପାଇଁ ବହୁ ଚେଷ୍ଟା କଲେ ଏବଂ ଗୁପ୍ତ ବେଶରେ ସେ ସେ' ଦ୍ୱୀପଟି କେଉଁଠି ବୁଝିବା ପାଇଁ ଧମକାଇଥିଲେ । କିନ୍ତୁ ଉମାକାନ୍ତ ବାବୁଙ୍କଠାରୁ ସେ ଏସବୁ ବିଷୟରେ କିଛି ଜାଣି ପାରିନଥିଲେ । ତେଣେ ରାଗରେ ଉମାକାନ୍ତ ବାବୁଙ୍କୁ ହତ୍ୟା କଲେ । ତା ପରେ ଗଢ଼ିଲେ ଗୋଟାଏ ଦସ୍ୟୁ ଦଳ ।

ରଜନୀବାବୁ ଜଣେ ଜୁଆଡ଼ି ଥିଲେ । ତେଣେ ସେ ସେହି ତାସକୁ ଖେଳିବାକୁ ନେଇ ହରାଇ ବସିଲେ । ତାପରେ ମିଶ୍ରଜୀଙ୍କ ହତ୍ୟା ଇତ୍ୟାଦି ବିଷୟ ଆପଣମାନେ ଜାଣନ୍ତି ।

ଅନ୍ୟ ଗୋଟିଏ ଦସ୍ୟୁ ଦଳର—ନାୟିକା ଗୀତା, ଏହି ତାସ ଖବର ପାଇ ତାକୁ ନେବାପାଇଁ ଚେଷ୍ଟା କଲା । ଗୀତା କିଏ ତାର ଜନ୍ମ କେଉଁ ଦେଶରେ ଏସବୁ ବିଷୟରେ ମୁଁ କିଛି ଜାଣେନା । ଯାହାହେଉ ସେ ତାର ବୁଦ୍ଧି ବଳ ଖରଚ କରି ସେ ତାସ ହସ୍ତଗତ କଲା ।

ଶିବବାବୁ ନିଜକୁ ରାମସିଂ ବୋଲି ପରିଚିତ କରାଇଥିଲେ । ଗୀତା ପାଖରେ ତାସ ଅଛି ଜାଣି ସେ ତାର ପିଛା ଧରିଲେ । ଏହା ଭିତରେ ଜାହାଜ ଡୁବି ଇତ୍ୟାଦି ବିଷୟ ଆପଣମାନେ ଜାଣନ୍ତି । ଏ ସବୁ ରାମସିଂ ଏବଂ ତାର ଗୁଣ୍ଡାମାନଙ୍କ ଦ୍ୱାରା ହୋଇଛି ।

ଦୁଇମାସ ତଳେ ମୋ ନେତୃତ୍ୱରେ ପୋଲିସ ଗୀତା ଉପରେ ଚଢ଼ାଉ କଲା କିନ୍ତୁ ଗୀତା ଏବଂ ତା ବଦଳରେ 'ସମସ୍ତେ ଅଦୃଶ୍ୟ ପଥ ଦେଇ ପଳାଇଲେ ମାଡ୍ରାସ । ଜାହାଜରେ ଯାଉଁ ଯାଉ ଇଞ୍ଜିନ

ଗରମ ହୋଇ ଜାହାଜରେ ନିଆଁ ଲଗିଲେ । ତାର ଗୁଣ୍ଡା ମଲେ, ଗୀତା ତାର ପିତାଙ୍କ ସହିତ ଅନ୍ୟ କେତେକ ଗୁଣ୍ଡାଙ୍କୁ ନେଇ ଡୁଙ୍ଗି ଡଙ୍ଗା ସାହାଯ୍ୟରେ ପଳାଇଲା । ତା ପରେ ସେ ମାନ୍ଦ୍ରାସ ଯାଇ ମାଯୁଲ ପାଟନରେ ରହିଲା । ରାମସିଂ ଏ ଖବର ପାଇ ସେଠିକୁ ଗଲା କିନ୍ତୁ ସେଠାରେ ଗୀତାର ପ୍ରେମରେ ଭୁଲି ଯାଇ ଜୀବନ ହରାଇଲା । ବର୍ତ୍ତମାନ ତାସ ମୋ ହାତରେ । ରମାକାନ୍ତ ବାବୁ ତାସ ପକେଟରୁ ବାହାର କରି ଦେଖାଇଲା । "ଅସନ୍ତା ୧୦ତାରିଖରେ ଗାୟତ୍ରୀ ଦେବୀଙ୍କ ତାଙ୍କର ଧନ ଦେବା ସଙ୍ଗେ ସଙ୍ଗେ ଗୀତାକୁ ଧରିବାକୁ ପଡ଼ିବ । କାରଣ ସେ ଧନ ଗୀତା ସେ ଦ୍ୱୀପକୁ ଯାନା କରୁଛି କିନ୍ତୁ ଆଜି ରାମସିଂ ଦଳକୁ ପୁରୀ ଉପକୂଳରେ ଧରିବାକୁ ପଡ଼ିବ କିନ୍ତୁ ଦୁଃଖର ବିଷୟ ରଞ୍ଜନୀବାବୁଙ୍କ ହତ୍ୟାକାରୀ କିଏ ଏପର୍ଯ୍ୟନ୍ତ ଜାଣି ପାରିନାହିଁ । ଅଶାକୁ ମୋର ସନ୍ଦେହ ଥିଲା କିନ୍ତୁ ଅଶା ଆତ୍ମହତ୍ୟା କରିଛି ।" ଏତିକ କହି ରମାକାନ୍ତ ବାବୁ ରହିଗଲେ । ପୋଲିସ ସାହେବ ପ୍ରଶ୍ନ କଲେ ।

"ରାମସିଂ କଣ ରଞ୍ଜନୀବାବୁଙ୍କୁ ହତ୍ୟା କରିନାହିଁ ।"

"ନା ତାର ପ୍ରମାଣ ଗାୟତ୍ରୀ ଦେବୀଙ୍କ ପାଖକୁ ରାମସିଂ ଦେଇଥିବା ପତ୍ର, ଯାହା ହେଉ ମୁଁ ନିକଟ ଭବିଷ୍ୟତରେ ରଞ୍ଜନୀ ବାବୁଙ୍କ ହତ୍ୟାକାରୀକୁ ଆପଣମାନଙ୍କ ଆଗରେ ଠିଆ କରାଇବି ।" ରମାକାନ୍ତବାବୁ ସିଗାରେଟରେ ଅଗ୍ନି ସଂଯୋଗ କଲେ । ସେତେ-ବେଳକୁ ଦିନ ଗୋଟାଏ । × × ×

ସେହିଦିନ ରାତିରେ ରମାକାନ୍ତ ବାବୁ ରବି ନାରାୟଣ ବାବୁ ଓ ୨୦ଜଣ ସଶସ୍ତ୍ର ପୋଲିସ ପୁରୀ ଉପକୂଳକୁ ଯାତ୍ରା କଲେ । ସେଠାରେ ରାମସିଂର ଗୁଣ୍ଡାଦଳ ଧରା ପଡ଼ିଲେ ।

(୧୦)

ଗୀତା ବସି ଭାବୁଛନ୍ତି । ଗାୟତ୍ରୀ ଦେବୀ ଯେ ପର୍ଯ୍ୟନ୍ତ ଅଛନ୍ତି ସେ ପର୍ଯ୍ୟନ୍ତ ସେ ଏହି ଗୁପ୍ତ ଧନର ମାଲିକ ଏବଂ ସେ ପର୍ଯ୍ୟନ୍ତ ସେ ଏ ତାସକୁ ଖୋଜିବାପାଇଁ ପୋଲିସ ଲଗାଇବ । ଯାହା ଫଳରେ କି ମୁଁ କଣ୍ଟିନ୍ୟୁରେ ସେ ଗୁପ୍ତଧନ ଭୋଗ କରି ପାରିବି ନାହିଁ । ଯଦି ଗାୟତ୍ରୀ ଦେବୀଙ୍କୁ ମାରି ଦିଆଯାଏ ତେବେ ପୋଲିସ ସେ ଗୁପ୍ତଧନ ପାଇଁ ଲାଗି ନ ପାରେ ଏବଂ ମୋର ସେ ଧନର ମାଲିକ ହେବାର ବାଟଟା ପରିଷ୍କାର ହୋଇପାରେ । ଏଣୁ ପ୍ରଥମେ ଗାୟତ୍ରୀ ଦେବୀଙ୍କୁ ସେ ଦୁନିଆରେ ବାଟ ଦେଇ ମାରିବ । ହଁ ନିଶ୍ଚୟ ମାରିବ ।

× × × ×

ଗାୟତ୍ରୀ ଦେବୀ ନିଜ ଘରେ ବସି ଭାବୁଛନ୍ତି ଅନେକ ବର୍ତ୍ତମାନ କଥା । ବାପ ମରିଛନ୍ତି, ଦୋଉ ମରିଛନ୍ତି, ଭାଇ ମଧ୍ୟ, ତେବେ ବାପାଙ୍କର ଗୁପ୍ତଧନ ମୁଁ ଆଣି ଲାଭ କଣ ବରଂ ସେ ଧନ ଯିଏ ନାହିଁ ସେ ଖାଇଯିବା ଭଲ । ନା ନା ଏକଲା କୁକୁରଙ୍କୁ ମୁଁ ବାପାଙ୍କର ଗୁପ୍ତଧନ ଦେଇ ପାରିବି ନାହିଁ । ବରଂ ସେହି ଧନକୁ ଗରିବଙ୍କୁ ବାଣ୍ଟିଦେବା ଭଲ । ଏହିପରି ନାନା କଥା ତାଙ୍କ ମୁଣ୍ଡରେ ଖେଳୁଛି । ସେହି ସମୟରେ ଅସି ପହଞ୍ଚିଲେ ରମାକାନ୍ତ ବାବୁ ।

"ହଠାତ୍ ଆହିଁ କି ?" ଗାୟତ୍ରୀ ପ୍ରଶ୍ନ କଲେ । ସେମିତି କିଛି ଭାବିନି ନାହିଁ । ତଥାପି ଆପଣଙ୍କୁ କେତେଟା ପ୍ରଶ୍ନ ପଚାରିବି, ରମାକାନ୍ତ ବାବୁ କହିଲେ । "ପଚାରି ପାରନ୍ତି ।"

"ଧନ୍ୟବାଦ. ରଙ୍ଗନାଥବାବୁଙ୍କ ମୃତ୍ୟୁ ପୂର୍ବରୁ ସେ ତାସ ବିଷୟରେ କିଛି ଜାଣିଥିଲେ" ହଁ କେବଳ ଜାଣିଥିଲି ଯେ ସେ ତାସରେ ଗୋଟିଏ ମ୍ୟାପ ଅଛି ଏବଂ ମ୍ୟାପରେ ଗୋଟିଏ ସ୍ଥାନ ନିର୍ଦ୍ଦେଶ କରାଯାଇଛି । ସେହି ସ୍ଥାନରେ ଅଛି ବହୁତ ଧନ ।"

"ଆଉ କିଛି ?"

ନାଁ। ବାପା ସେ ତାସ ଉପରେ କହିଥିଲେ ବୋଲି ମୁଁ ଜାଣେ ନାଁ।"

ଭଦ୍ର ପାରିବେ କି ଶିବବାବୁଙ୍କ ବ୍ୟତୀତ ଆଉ କିଏ ସେ ତାସ ନେବା ପାଇଁ ଚେଷ୍ଟା କରୁଥିଲେ।

"ନାଁ" ଉତ୍ତର ଦେଲେ ଗାୟତ୍ରୀ ଦେବୀ ବର୍ତ୍ତମାନ ମୁଁ ଯାଇ ପାରେ କି ?"

"ଜଣେ ଖାଲି ଖାଲି।" ଅନ୍ତଃନ ଗୁହା ଟିକେ –

"କ୍ଷମା କରିବେ ମୁଁ ବର୍ତ୍ତମାନ ଖାଇ ଆସିଲି।"

ଏତକ ଭଦ୍ର ରମାକାନ୍ତ ବାବୁ ଉଠିଲେ । ଗାୟତ୍ରୀ ଦେବୀ ତାଙ୍କ ପଛେ ପଛେ ଗଲେ। କଥାବାର୍ତ୍ତା ହୋଇ ସେମାନେ ଅନେକ ବାଟ ଚାଲି ଯାଇଥିଲେ । ରମାକାନ୍ତ ବାବୁ ଗାୟତ୍ରୀ ଦେବୀଙ୍କୁ ଫେରାଇ ଦେଇ କହିଲେ, "କ୍ଷମା କରିବ ଗାୟତ୍ରୀ ଦେବୀ, ଆପଣଙ୍କର ବହୁ ମୂଲ୍ୟ ସମୟରେ ମୁଁ ନଷ୍ଟ କଲି ବୋଲି ।"

"ନା ନା ବରଂ ଆପଣଙ୍କ ସାକ୍ଷାତରେ ମୁଁ ଭାଗ୍ୟବାନ୍ ହୋଇଛି ।"

"ଭଲ ନମସ୍କାର" ରମାକାନ୍ତ ବାବୁ ଚାଲିଲେ, 'ନମସ୍କାର' ଗାୟତ୍ରୀ ଦେବୀ ରମାକାନ୍ତ ବାବୁଙ୍କ ଅଡ଼କୁ ଚାହିଁ ରହିଲେ କଣ ସତେ ପାଇବା ଆଶାରେ କିନ୍ତୁ ରମାକାନ୍ତ ବାବୁ ପାଷାଣ ଦେବତା ପରି କିଛି ଫେରି ଚାହିଁ ପାରୁ ନ ଥିଲେ ।'

ଗାୟତ୍ରୀ ଦେବୀ ଫେରିଲେ ।

"ନମସ୍କାର" ଗାୟତ୍ରୀ ଦେବୀ ପଛକୁ ଚାହିଁଲେ ଜଣେ ବାଳିକା ।

"ଆପଣଙ୍କ..." ଗାୟତ୍ରୀ ଦେବୀ ପ୍ରଶ୍ନ ଦୃଷ୍ଟିରେ ଚାହିଁ ରହିଲେ । "ଓଃ ଏବେ ବି? ଆପଣ ଚିହ୍ନି ପାରିବେ ନାହିଁ । ମୁଁ

ଆପଣଙ୍କ ଭାଇଙ୍କ କ୍ଲାସମେଟ୍ । ମୋର ନାମ ଜ୍ୟୋତ୍ସ୍ନା । ପିତାଙ୍କର ନାମ ମହେନ୍ଦ୍ର ସୁନ୍ଦର ମହାପାତ୍ର” “ଓଃ ନମସ୍କାର କରି ବସନ୍ତୁ କାହିଁ ଅଛ ?”

“ନା ବୁଲି ଆସିଥିଲି ଭାଉଜ, ଆପଣଙ୍କ ଆଡ଼େ ଟିକେ ବୁଲି ଯିବି ।”

“ତେବେ ଆସନ୍ତୁ” ଦୁହେଁ ଗାୟତ୍ରୀ ଦେବୀଙ୍କ ଘରଆଡ଼େ ଗଲେ । ଗାୟତ୍ରୀ ଦେବୀ ଜ୍ୟୋତ୍ସ୍ନା ଦେବୀଙ୍କୁ ନିଜ ଘର ବଗିଚା ଇତ୍ୟାଦି ବୁଲାଇ ଦେଖାଇଲେ । ତାହା ପରେ ଚାହା ଜଳଖିଆ ପରେ ଜ୍ୟୋତ୍ସ୍ନା ଦେବୀଙ୍କୁ ନିମନ୍ତ୍ରଣ ଦେଇ ବାହାରିଲେ । ଗାୟତ୍ରୀ ଦେବୀ ତାଙ୍କ ଫାଟକ ପାଖରେ ବାଟେଇ ଦେଇ ଫେରି ଆସିଲେ ।

× × ×

ପୃଥିବୀ ବୁଲିଗଲା । ସୂର୍ଯ୍ୟ ଦେବ ସନ୍ଧ୍ୟା ଭାଳ ଶିଖର ବର୍ଣ୍ଣ ଧାରଣ କରି ତଳକୁ ଖସି ପଡ଼ିଲେ । ପାହାଡ଼ର ଶୋଭା ବୃଦ୍ଧି ହେଲା । ଭାଉ ଗୁଡ଼ାକ ବସା ମୁହାଁ ହୋଇ ଛୁଟିଲେ । କାଠଯୋଡ଼ି କୂଳରେ କ୍ରମେ ଲୋକ ଗହଳି ଯମି ଆସିଲା । ଗାୟତ୍ରୀ ଦେବୀ ଜ୍ୟୋତ୍ସ୍ନା ଦେବୀଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ବାହାରିପଡ଼ିଲେ । କାର ଛୁଟିଲା; ମହେନ୍ଦ୍ର ସୁନ୍ଦର ମହାପାତ୍ର, ବାଲୁବଜାର ଙ୍କ ଫାଟକ ପାଖରେ କାର ଅଟକିଲା; ଗାୟତ୍ରୀ ଦେବୀ ଭିତରକୁ ଗଲେ ।

“ଗୁଡ୍ ଇଭିନିଂ ଗାୟତ୍ରୀ ଦେବୀ ଆସନ୍ତୁ” ଜ୍ୟୋତ୍ସ୍ନା ଗାୟତ୍ରୀ ଦେବୀଙ୍କୁ ପାଛୋଟି ନେଲେ । ଘର ବଗିଚା ଇତ୍ୟାଦି ବୁଲାଇ ଦେଖାଇବା ପରେ ଦୁହେଁ ଟେବୁଲ ନିକଟରେ ବସିଲେ । ରତନା ଚାହା ଦେଇଗଲା । ଗାୟତ୍ରୀ ଦେବୀ ଚାହା ଗ୍ଲାସ ମୁହଁରେ ଦେବାକୁ ନେଉଛନ୍ତି ହଠାତ୍ ପହଞ୍ଚିଲେ ରମାକାନ୍ତ ବାବୁ ।

"ଆସନ୍ତୁ ଆସନ୍ତୁ ରମାକାନ୍ତ ବାବୁ" ଗାୟତ୍ରୀ ଜୁସ ଗ୍ଲାସ ମୁହଁ ପାଖରୁ ଫେରାଇ ଆଣିଲେ ।

"ଆଜିର ରଚନା ଆଉ ଗ୍ଲାସେ ଜୁସ ଆଣ" ଜ୍ୟୋତ୍ସ୍ନା ଦେବୀ ରଚନାକୁ ଡାକିଲେ ।

ରଚନା ଜୁସ ଆଣି ଦେଇଗଲା । ସେତେବେଳକୁ ଗାୟତ୍ରୀ ଦେବୀଙ୍କ ଜୁସ ଶୀତଳ ହେବା ଉପରେ । ରମାକାନ୍ତ ବାବୁ ଗାୟତ୍ରୀ ଦେବୀଙ୍କ ଜୁସ ଗ୍ଲାସ ଉଠାଇ ନେଇ କହିଲେ, "ଜୁସ ଥଣ୍ଡା ହୋଇ ଗଲଣି ଯୁକ୍ତି କଣ ଆପଣ ପିଇବେ" ଏତକ କହି ଜୁସ ଗ୍ଲାସଟା ଢାଳି ଦେଲେ ।

"କ୍ଷମା କରିବେ ଗୀତା ଦେବୀ ମୋର ଅଭଦ୍ରତା ପାଇଁ"

"କ୍ଷମା କରିବେ ମୁଁ ଗୀତା ଦେବୀ ନୁହେଁ" ଜ୍ୟୋତ୍ସ୍ନା ଦେବୀ ଚମକି ପଡ଼ିଲେ ।

"ଯାହା ହେଉନା ଏ ତାସଟା ଆପଣଙ୍କ ପାଖରେ ଥିଲା ।" ରମାକାନ୍ତ ବାବୁ ତାସ ମୁଠାଟା ଦେଖାଇଲେ ଜ୍ୟୋତ୍ସ୍ନା ଦେବୀ ଶିହରି ଉଠିଲେ । ରମାକାନ୍ତ ବାବୁ ଇନସ୍ପେକ୍ଟରଙ୍କୁ ଫୋନ କରିବାକୁ ଫୋନ ନିକଟକୁ ଉଠିଗଲେ । ହଠାତ୍ କା'ର ଗୋଟିଏ ଧକ୍କାରେ ସେ ପଡ଼ିଗଲେ । ମୁହଁ ଦେଖିଲେ ପଛରେ ଜ୍ୟୋତ୍ସ୍ନା ଦେବୀ । ତା ପରେ ରମାକାନ୍ତ ବାବୁ । ଜ୍ୟୋତ୍ସ୍ନା ଦେବୀଙ୍କ ଉପରେ କୁଦି ପଡ଼ିଲେ । ଏହି ସମୟରେ ରବିନାରାୟଣ ବାବୁ ଇନସ୍ପେକ୍ଟର ପହଞ୍ଚିଲେ ।

"ବର୍ତ୍ତମାନ ଆପଣଙ୍କ ଗାୟତ୍ରୀ ଦେବୀଙ୍କୁ ଜୁସରେ ବିଷ ଦେଇ ମାରିବାକୁ ଯାଉଥିବାରୁ ଏବଂ ଆପଣ ଅନେକ ଚୋରି ଡକାୟତି କରି ଥିବାରୁ ମୁଁ ଆପଣଙ୍କୁ ଅରେଷ୍ଟ କଲି ଗୀତା ଦେବୀ ।"

ରବିନାରାୟଣ ବାବୁ ଗୀତା ଦେବୀଙ୍କୁ ଗିରଫ୍ କଲେ । ଗୀତା ଦେବୀ ମୁହଁ ତଳକୁ କଲେ । ଏତେବେଳେ ଗାୟତ୍ରୀ ଦେବୀ

ବୁଝି ପାରିଲେ ରମାକାନ୍ତ ବାବୁ ତାଙ୍କ ଗୃହା ଗ୍ଲାସଟା ତଳେ ପଡ଼ିଲେ କାହିଁକି ? ତା ପରେ ଗୀତା ଦେବୀ ଜେଲରେ ରହିଲେ ।

× × × ×

ସେଦିନ ରାତିରେ ଦଳେ ପୋଲିସ୍ ରମାକାନ୍ତ ବାବୁଙ୍କ ନେତୃତ୍ୱରେ ମାସୁଲି ପାଟମକୁ ଯାତ୍ରା କଲେ ଏବଂ ସେହି ପାହାଡ଼ର ଦକ୍ଷିଣ ପଟରେ ଥିବା ବଣକୁ ଯାଇଁ ଗୀତାର ପିତା ସହିତ ତା ଦଳକୁ ଗିରଫ୍ କଲେ ।

(୧୧)

ବଗୁରପନ୍ତ ଜଣେ ଲେଖିବା ପରେ ପୁଣି ମୁହଁ ଟେକିଲେ । "ଶ୍ରୀମତୀ ଗୀତା ଦେବୀ, ତାଙ୍କର ପୂର୍ଣ୍ଣ ଠିକଣା, ପିତାର ନାମ କୁହନ୍ତୁ ରମାକାନ୍ତ ବାବୁ" ବଗୁରପନ୍ତ ରମାକାନ୍ତ ବାବୁଙ୍କ ଆଡ଼େ ଚାହିଁ ରହିଲେ । ରମାକାନ୍ତ ବାବୁ କହିଲେ, "ଶ୍ରୀମତୀ ଗୀତା ମହାପାତ୍ର ପିତା... ...।"

"ପିତା ଶ୍ରୀ ରତ୍ନାକର ଦାସ । ତାଙ୍କର ଝିଅର ନାମ 'ଶ୍ରୀମତୀ ଅଶ୍ରୁଲତା ଦାସ ମୃତ ? କିଏ କହେ ଅଶ୍ରୁଲତା ମୃତ ? କଦାପି ନୁହେଁ । ଅଶ୍ରୁଲତା ଜୀବିତ । ଅଶ୍ରୁଲତା ମୃତ ଭାବି ପୋଲିସ୍ ନିଜେ ଠକି ହୋଇଛନ୍ତି । ଅଶ୍ରୁଲତା ଜୀବିତ ଅଛି ମଧ୍ୟ ଅଶ୍ରୁଲତା ରଜନୀର ହତ୍ୟାକାରୀ । ଆପଣଙ୍କର ଗୀତାହିଁ ଅଶ୍ରୁଲତା ଓରଫ ବିଖ୍ୟାତ ଡକାୟତ । ୧୯୫୫ରେ ମୋର ପିତାଙ୍କ ସହିତ ମୁଁ ଶଙ୍କରପୁରରେ ରହିଲି । ସେଠି ରମାକାନ୍ତ ବାବୁଙ୍କୁ ଚିହ୍ନିଲି, ରଜନୀ ବାବୁଙ୍କୁ ଚିହ୍ନିଲି, ଗାୟତ୍ରୀ ଦେବୀଙ୍କୁ ମଧ୍ୟ । ମୁଁ ବି ଆସିଥିଲି ଯାଙ୍କର ସହିତ ବନ୍ଧୁତା ବାନ୍ଧିବାକୁ । ସେୟା ମଧ୍ୟ ହେଲା । ଗାୟତ୍ରୀ ଦେବୀଙ୍କ ସହିତ ମୋର ବନ୍ଧୁତା ଜମି ଆସିଲା । ରଜନୀ ବାବୁ ମୋତେ ଭଲ ପାଇଲେ । ମୁଁ ଘରଜ୍ୱାଇଁ ରହିଗଲି ତାଙ୍କର ମାଟି ତଳ ଘରକୁ ।

ତା ପରେ ରଜନୀ ବାବୁ ତାସ ହରେଇବା କଥା ଶୁଣିଲି । ତା ପରେ ମୁଁ ମିଶ୍ରଙ୍କ ଘରୁ ତାସ ନେଲି । ଦଶହଜାର ଧନ ରଜନୀ ବାବୁଙ୍କୁ ହତ୍ୟା କଲି ।

ହିଁ ମୁଁ ତାଙ୍କୁ ଶଙ୍କରପୁର ଆଣିଲି ? ଏବଂ ମୁଁ କିଏ ? ମୋର ପରିଚୟ କଣ ? ଆଗେ ଏ ସବୁ କହୁସାରେ...... । ନା ନା ଆପଣ ଏ ସବୁ ଜାଣିବେ ମୋର ଡାଏରି ବହିରୁ । ନିଅନ୍ତୁ ରମାକାନ୍ତ ବାବୁ—ନିଅନ୍ତୁ ।" ରମାକାନ୍ତ ବାବୁଙ୍କୁ ଗୀତା ବା ଆଶାଲତା ଡାଏରି ବଢ଼ାଇ ଦେଲେ । "ବର୍ତ୍ତମାନ ମୁଁ ବିଶ୍ରାମ ଗୃହେ । ମୁଁ ଜାଣେ ନିଶ୍ଚୟ ଫାସି ପାଇବି ।...... ଦେଖନ୍ତୁ, ଦେଖନ୍ତୁ, ରମାକାନ୍ତ ବାବୁ ମୋର ଉଦ୍ଧାର କର୍ତ୍ତା ଆସୁଛନ୍ତି । ଆସନ୍ତୁ, ଆସନ୍ତୁ, ନମସ୍କାର" ଆଶାଲତା ଆଡ଼କୁ ହାତ ଠାରି ଡାକିଲେ । ରମାକାନ୍ତ ବାବୁ ଆଉ ସେ ଆଡ଼କୁ ଗଲେ । ଆଶାଲତା ଲୁଚାଇ ଥିବା ବିଷ ପାଟିରେ ପୂରାଇ ଢଳି ପଡ଼ିଲେ । "ଏ କଣ କଲ ରବିନାରାୟଣ ବାବୁ ?" ରମାକାନ୍ତ ବାବୁ ଚିତ୍କାର କରି ଉଠିଲେ । ସତେ ଯେମିତି କିଏ ଅନ୍ତରଙ୍ଗରେ ଥାଇ ଉତ୍ତର ଦେଲା ।" ସାମାନ୍ୟ ଅସାବଧାନତାର ଫଳ ।

× × ×

ସମୁଦ୍ର ଭିତରେ ସେହି ଦ୍ୱୀପ—ସେହି ଗୁମ୍ଫା ସେହି ଧନ ରତ୍ନ । ହଁ ସେହି ଧନ ରତ୍ନ ବର୍ତ୍ତମାନ ଗାୟତ୍ରୀ ଦେବୀଙ୍କ ହାତରେ । ରମାକାନ୍ତ ବାବୁ ତୃପ୍ତିର ହସ ହସି ଫେରି ଯିବାକୁ କହିଲେ । "ଅବଶ୍ୟ ରହିବା ନାହିଁ ଆମେ ଏଠି । ଏଥର ସବୁ ସରିଲା । ଦସ୍ୟୁ ଧରା ପଡ଼ିଲା । ଧନରତ୍ନ ମିଳିଲା । କିନ୍ତୁ ଗାୟତ୍ରୀ ଦେବୀଙ୍କ ଭବିଷ୍ୟତ ଚିନ୍ତା କରୁଛ ?"

"ହଁ ସେଡକ ରହୁଲ ଗୋଟିଏ ବଡ଼ କାମ । ଗୋଟାଏ ସତ ପ ଦ ଦେଖି ତାଙ୍କୁ ... ......"

"ସେକଥା ନୁହେଁ, ଅପଣ ସତ୍ତପାଦ ନୁହନ୍ତ ରମାକାନ୍ତ ବାବୁ ? କଣ କହୁଛନ୍ତ ଗାୟତ୍ରୀ ଦେବୀ ?" ଗାୟତ୍ରୀ ଦେବୀ ଲଜ୍ଜରେ ମୁହଁ ତଳକୁ କଲେ । "ରମାକାନ୍ତ ବାବୁର ଏପର୍ଯ୍ୟନ୍ତ ବବାହ କର ନାହାଁନ୍ତ । ଭଲ ହୁଅନ୍ତା । ରମାକାନ୍ତ ବାବୁ ଅପଣ ଗାୟତ୍ରୀ ଦେବୀଙ୍କୁ ବବାହ କରବାକୁ ବାଧ୍ୟ ।" ରମାକାନ୍ତ ବାବୁ ଗାୟତ୍ରୀ ଦେବୀଙ୍କ ଅଡେ଼ ଟିକେ ଗୁହଁ ମୁହଁ ତଳକୁ କଲେ । ରବନାରାୟଣ ବାବୁ ଦୁହଙ୍କ ହାତ ମିଳାଇ ଦେଲେ । ତା ପରେ ସେମାନେ ଫେରି ଅସିଲେ ।......

ରାତ୍ରି ରମାକାନ୍ତ ବାବୁ ଗାୟତ୍ରୀଙ୍କୁ କୋଳକୁ ଟାଣି ନେଇ ପଚ୍ଚରିଲେ "ଗାୟତ୍ରୀ ମୋତେ ପାଇ ତୁମେ ସୁଖି ହେଲକ ?"

(୧୨)

ଅଣାଲତାର ତାଏରର ପ୍ରଥମ ପୃଷ୍ଠାରେ ଲେଖା ଥିଲା ମୋର ଦସ୍ୟୁ ଜୀବନ କାହାଣୀ ? ରମାକାନ୍ତ ବାବୁ ପଢ଼ିଲେ । ଉପନ୍ୟାସ ଶୈଳୀରେ ଲେଖା ଯାଇଥିଲା ।

......ମୋର ପିତା ଥିଲେ ଜଣେ ଅତି ଗରୁଅ ଗରବ । ମୂଲ ଲଗି ମୋତେ ମଣିଷ କଲେ । B.S.C. ମୁଁ ପାସ କଲି ତାଙ୍କର ମୂଲ ପଇସରେ । ଗୁକଣ୍ଡ କରବାକୁ ମୋର ମନ ନ ଥିଲା କିନ୍ତୁ ଅମର ଅବସ୍ଥା ମୋତେ ବାଧ୍ୟ କରୁଥିଲା ଗୁକଣ୍ଡ କରବାକୁ । ଗୁକଣ୍ଡ କଲି, ବଦେଶରେ ରହୁଲି । ହେତେବେଳେ ଗଣ୍ଡରେ ହା-ଅନ୍ନ— ହା ଅନ୍ନ ଡାକ ମୋ କାନରେ ବାଜୁଲା । ଧନୀମାନଙ୍କର ଉଲେକଟ୍ରିକ ପଙ୍ଖା, ଲଇଟ ମୋ ଅଖି ଦେଖିଲା ଧନୀଙ୍କ ଉପରେ । ମୋର କ୍ରୋପଣ ରାଗ ହେଲା । ଧନୀମାନଙ୍କୁ ଗୋଟାଏ ଶିକ୍ଷା ଦେବାକୁ ଏବଂ ଗରବମାନଙ୍କୁ

ସାହାଯ୍ୟ କରିବାକୁ ମୁଁ ଗଢ଼ିଲି ଗୋଟାଏ ଦଳ । କାଳକ୍ରମେ ସେହି ଦଳଟି ଗୋଟିଏ ଦସ୍ୟୁଦଳରେ ପରିଣତ ହେଲା । ବାପା ଘରେ ଥାଆନ୍ତି ମୁଁ ଟଙ୍କା ପଠାଏ । ବାପା ଜାଣନ୍ତି ମୁଁ ଚାକିରି କରୁଛି । ଏସବୁ ବିଷୟ କିଛି ଜାଣି ନଥିଲେ ସେ । ମୋର ଉଚ୍ଛାଯୁକ୍ତ ପଇସାରେ ଶହ ଶହ ଲୋକ ପୋଷି ହେଲେ । ଆମ ଦଳ ବିଷୟରେ କେହି କିଛି ସନ୍ଧାନ ପାଇ ନଥିଲେ । ଗୋଟିଏ ଅନାଥାଶ୍ରମ ଖୋଲି ଥିଲି । ସେଥିରେ ଥିଲି ସେକ୍ରେଟାରୀ ମୁଁ । ମୋତେ ସମସ୍ତେ ଜାଣିଥିଲେ ଅନାଥାଶ୍ରମର ସେକ୍ରେଟାରି ବୋଲି କିନ୍ତୁ ଦସ୍ୟୁ ନାୟିକା ବୋଲି ନୁହେଁ ।

ଦିନକର ଘଟଣା । ମୁଁ ବସିଥିଲି ଆମ ଅଫିସ ରୁମ୍‌ରେ । ଦରୱାନ ଖବର ଦେଲା । କିଏ ଜଣେ ଭଦ୍ରଲୋକ ବାହାରେ ଅପେକ୍ଷା କରିଛନ୍ତି । ତାଙ୍କୁ ଡାକି ଦେବାକୁ କହି ମୋ ରୁମ୍‌କୁ ଚାଲି ଆସିଲି ।

"ନମସ୍କାର ଅଣା ଦେବୀ ।"

"ଆରେ ହରିଶ ବାବୁ ଯେ ! ଆସନ୍ତୁ ଆସନ୍ତୁ । ଏଇ ଗରିବ-ମାନଙ୍କର ଭାଗ୍ୟ ଟେକ । ହରିଶ ବାବୁଙ୍କ ଭଳି ଜଣେ ଶେଠଙ୍କର ପାଦ ଏ ଅନାଥାଶ୍ରମରେ ପଡ଼ିଛି । କୁଆଡ଼େ ଆସିଲେ ଆଜ୍ଞା ?" ମୁଁ କହିଲି

"ଆସିଥିଲି ବୁଲି । ଆପଣଙ୍କର ଏ ମହତ୍ତ୍ୱ କାର୍ଯ୍ୟ ଯୋଗୁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି ଅଣା ଦେବୀ ।"

"ହିଁ ହିଁ ଥାଉ ଥାଉ ଧନ୍ୟବାଦ ପରେ ଦେବେ ବର୍ତ୍ତମାନ ଏ ଗରିବଙ୍କୁ କିଛି... ..."

"ସେଇ ପ୍ରଥମ କଥା—ନିଅନ୍ତୁ" ଏତିକି କହି ହରିଶ ବାବୁ ମୋ ଆଡ଼କୁ ଶହେ ଟଙ୍କାର ନୋଟଟାଏ ବଢ଼ାଇ ଦେଲେ ।

—"ଥାଙ୍କ୍ୟୁ ମିଷ୍ଟର ହରିଶ ବାବୁ" "ବର୍ତ୍ତମାନ ଏଇ ସାମାନ୍ୟ ଗ୍ରହଣ କରିଥାଆନ୍ତୁ ଅଣାଦେବୀ, ଆଉ ପରେ ....."

"ନିଶ୍ଚୟ ହେବେ ମୁଁ ଜାଣେ । ଆପଣଙ୍କ ଭଳି ମହତ ଲୋକ ଏ ଓଡ଼ିଶାରେ କ୍ୱଚିତ ଦେଖିବାକୁ ମିଳେ ।"

"ମିଛଟାରେ ମୋର ପ୍ରଶଂସା କରି ମୋତେ ଲଜ୍ଜା ଦିଅନ୍ତୁ ନାହିଁ ଆଶା ଦେବୀ । କଷ୍ଟ ହେଲେ ବି ମୁଁ । ବର୍ତ୍ତମାନ ମୁଁ ଯାଇ ପାରେ କି ?"

"ଯେଉଁ କଷ୍ଟ କଥା—ଗୁହା ଖାଇ ନାହାଁନ୍ତି, ଆପଣ ବୁଲିବାକୁ ଆସିଥିଲେ ପରା ?" ମୁଁ ପଚାରିଲି "ହଁ ହଁ ଚାଲନ୍ତୁ ବୁଲି ଆସିବା" ଏତିକି କହୁ ସେ ଉଠିଲେ ମୁଁ ପଛେ ପଛେ ଚାଲିଲି । ଅନାଥାଶ୍ରମରେ ପ୍ରତ୍ୟେକ ରୁମ୍ ଦେଖିସାରିବା ପରେ ସେ ଗୁହା ଖାଇ ବିଦାୟ ନେଲେ । ଗଲାବେଳେ ସେ ମୋ ଆଡ଼କୁ ପ୍ରେମିକ ଚାହାଣିରେ ଚାହିଁ ଚାଲି ଗଲେ । ମୁଁ ହସି ଦେଲି । ଅବଶ୍ୟ ପ୍ରେମିକଙ୍କୁ ପ୍ରତି ଉତ୍ତର ଦେଇ ନୁହେଁ । ଗୋଟାଏ ଖେଳ ମୋ ହାତୁଡ଼େ ପଡ଼ିଛି ବୋଲି । ତା ପରେ ତାଙ୍କର ମୋର ପ୍ରେମ ଖୁବ୍ ଆଗେଇଲା । ତାଙ୍କ ଘରକୁ ଯିବାପାଇଁ ମୋତେ ସ୍ୱାଧୀନ ମିଳିଲା । ଯାହା ଫଳରେ କି ଧନ ତାଙ୍କ ଘରୁ ଗୋଟାଏ ବଡ଼ ଉତ୍କାପୂର୍ଣ୍ଣ ହେଲା । ସେ କିନ୍ତୁ ମୋତେ ମୋଟେ ସନ୍ଦେହ କରି ନାହାନ୍ତି ।

## (୧୩)

"ବୁଝିଲେ ଆଶା ଦେବୀ ସେ ଦ୍ୱୀପରେ ଯେଉଁ ଧନ ଅଛି ସେ ବିଷୟ ମୋ ଛଡ଼ା ଦ୍ୱିତୀୟ ଲୋକ କେହି ଜାଣନ୍ତି । ସେ ହେଉଛନ୍ତି ଉମାକାନ୍ତ ବାବୁ ମୋର ଜଣେ ପ୍ରିୟ ବନ୍ଧୁ ।" ହରିଶ ବାବୁ କହିଲେ "ଭଲ ହେଲା ଆପଣ ବୁଝେଇ ସେ ଧନକୁ ବାଣ୍ଟି ନେବେ" ମୁଁ କହିଲି, "ମୋରତ ଅଭାବ ନାହିଁ ଆଶା ଦେବୀ । ତେଣୁ ମୁଁ ସେ ଧନ ବିଷୟରେ ମନ ଦେଉନାହିଁ ।"

"ସେ କଥା ନୁହେଁ ହରେଶ ବାବୁ, ଆପଣ କ'ଣ ସେ ଧନକୁ ଅନାଥାଶ୍ରମକୁ ଦାନ କରି ଦିଅନ୍ତୁ, ନା ଆଣିବେ ତାହାଙ୍କୁ ?"

"ହଁ ହଁ ସେଇୟା କରିବା ।"

ଗାଡ଼ିଟା ହରେଶ ବାବୁଙ୍କ ଫାଟକ ନିକଟରେ ଅଟକି ଗଲା । ଦୁହେଁ ଭିତରକୁ ଗଲୁ । × × × ×

ଠିକ୍ ଦୁଇମାସ ପରେ— ହଠାତ୍ ରକ୍ତ ଚାପରେ ହରେଶ ବାବୁଙ୍କର ମୃତ୍ୟୁ ଖବର ପାଇ ମୋ ମନରେ ବିଶେଷ ଦୁଃଖ ହେଲା । ପ୍ରେମିକ ହିସାବରେ ନେତିକ ନୁହେଁ ସେ ଦ୍ୱୀପ ବିଷୟରେ ତାଙ୍କଠାରୁ ଜାଣି ନଥିବାରୁ ତାଠୁଁ ପୃଛା । ଯାହାହେଉ ଅଗତ୍ୟା ମୋତେ ବାପାଙ୍କ ସହିତ • ଶଙ୍କରପୁର ଉମାକାନ୍ତ ବାବୁଙ୍କ ଗ୍ରାମକୁ ଯିବାକୁ ପଡ଼ିଲା । ସେହି ଦ୍ୱୀପ ବିଷୟ ଜାଣିବା ପାଇଁ । ସେଠାକୁ ଯାଇ ମୁଁ ତାସ ଖବର ଶୁଣିବାକୁ ପାଇଲି ।

ସେଠି ଆମେ ଗୋଟିଏ ଘରଭଡ଼ା ନେଇ ରହୁଥାଉ । ମୋର ଉମାକାନ୍ତ ବାବୁଙ୍କ ସହିତ ବେଶ ପରିଚିତ ହୋଇ ଗଲା । ଗାୟତ୍ରୀ ଦେବୀଙ୍କ ସହିତ ମୋର ବନ୍ଧୁତା ଜମି ଆସିଲା । ତାଙ୍କ ଘରକୁ ଦୈନିକ ଯିବା ମୋର ଗୋଟାଏ ପେଶା ହୋଇଗଲା ।

ସେଦିନ ଥିଲା ରବିବାର । ମୁଁ ଗାଏତ୍ରୀ ବୁଲି ଆସି ତାର ପଢ଼ାଘରେ ବସିଥିଲୁ । ହଠାତ୍ ତାହାଙ୍କୁ କେଜାଣି ଗାୟତ୍ରୀ ମୋ ଆଡ଼କୁ ଟିକେ ଚାହିଁ ଦେଇ ହସି ସେଠାରୁ ପଳାଇଲା । ମୁଁ ଏକୁଟିଆ ବସି ରହିଲି । କିଛି ସମୟ ପରେ ସେ ଘରକୁ ପଶି ଆସିଲେ ରଞ୍ଜନାବାବୁ । ସେ ଆସି ଗୋଟିଏ ଚେୟାର ଦଖଲ କଲେ । ମୁଁ ଉଠି ଯାଉଥିଲି । ମୋ ହାତଟା ଧରିପକାଇ କହିଲେ, "ଶୁଣ ଆଶା ମୁଁ କଣ ତୁମେ ଏଠୁ ଉଠିଯିବା ପାଇଁ ଆସିଥିଲି । ତୁମେ ଗାୟତ୍ରୀର ବନ୍ଧୁ ମୋର କଣ ବନ୍ଧୁ ନୁହଁ ।"

"ନିଶ୍ଚୟ ଅପଣଙ୍କ ବନ୍ଧୁ । ତଥାପି … …" "ସେ ସବୁ କିଛି ନୁହେଁ ବସନ୍ତୁ ।" ବାଧ ହୋଇ ବସିଲି । କିଛି ସମୟ ପରେ ସେ କହିଲେ । "ଆଶା ମୁଁ ତୁମକୁ କେତେ ଭଲ ପାଏ ଜାଣ ନା— ତୁମେ ମୋତେ ଭଲ ପାଅ କି ?"

"ଜାଣେନା ରଞ୍ଜନ ବାବୁ ତୁମକୁ ଦେଖିଲା ଦିନଠୁଁ … …" କଥା ଛଡ଼େଇ ସେ କହିଲେ "ହଁ ବୁଝିଛି । ସେଇଥିପାଇଁ ତ ମୁଁ ଆଜି ଆସିଛି ।" ତା ପରେ ଉଭୟ ନୀରବ । କିଛି ସମୟ ପରେ ସେ ଡାକିଲେ, "ଆଶା" ସେ ମୋହାତଟାକୁ ଧରି ପକାଇଲେ । ମୁଁ ଶିହରି ଉଠିଲି । ମୋତେ ସେ କୋଳକୁ ଟାଣି ନେଲେ । ମୁଁ ତାଙ୍କ ଛାତି ଉପରେ ଢଳି ପଡ଼ିଲି । … … … …

ରମାକାନ୍ତ ପଢ଼ି ଯାଉଛନ୍ତି । ହଠାତ୍ ଗାୟତ୍ରୀ କହି ଉଠିଲେ "ଆମେ ସେତେବେଳେ ଆଶାକୁ ଚିହ୍ନି ନ ଥିଲୁ । ଆଜି ମୁଁ ଚିହ୍ନିଛି ତାର ପରିଚୟ ପାଇଛି ।" ରମାକାନ୍ତ ବାବୁ ପଢ଼ା ବନ୍ଦ କରିଦେଲେ ।

"ସାପକୁ ଦୁଧ ଦେଇ ପୋଷିବାର ଫଳ ଆଜି ପାଇଛି—ନୁହେଁ"

ଗାୟତ୍ରୀ ଦେବୀ ହସିଲେ । × ×

ଯା ପରେ ଘଟଣାଗୁଡ଼ିକ ଲେଖିବା ଅନାବଶ୍ୟକ । ସେଗୁଡ଼ିକ ଆଗରୁ କୁହା ସରିଛି ।

× × × ×

ଆଶାର ଡାଏରୀ ପଢ଼ା ଶେଷରେ ଗାୟତ୍ରୀ ଦେବୀ କହିଲେ, "ଆଶାଦେବୀ ଯା ହେଉ ନା କାହିଁକି ମୁଁ ତାଙ୍କୁ ତାଙ୍କର ସାହାସ ପାଇଁ ତାଙ୍କର ବୁଦ୍ଧି ପାଇଁ ଧନ୍ୟବାଦ ଦେଉଅଛି । ସେ ଅମ ନାରୀ ଜାତିର ଗୋଟିଏ ଜୁଏଲ କହିଲେ ଅତ୍ୟୁକ୍ତି ହେବ ନାହିଁ । କହି ପାରିବେ କି, ଅପଣଙ୍କ ପରି ପୁରୁଷ କିଏ ଏଭଳି ସାହସର ସହିତ କାମ କରିବ । ଅପଣଙ୍କ ଭିତରେ ଏପରି ଲୋକ

ଅଛନ୍ତି ଯେ କି ଗୋଟାଏ ପିସ୍ତଲ ଆବାଜରେ ଲଟା ବା ସ୍ଥାନ ଖୋଜିବେ—ନୁହେଁ ?"

"ତାତ ନଷ୍ଟପ୍ରକନ୍ତୁ ତୁମେ ?" କହୁ ରମାକାନ୍ତ ବାବୁ ଗାୟତ୍ରୀ ଦେବୀଙ୍କୁ କୋଳକୁ ଟାଣି ନେଲେ । ତା ପରେ ତାଙ୍କ ଗଣ୍ଡ ଦେଶରେ ଅଙ୍କି ଦେଲେ ଅସଂଖ୍ୟ ଚୁମ୍ବନ ।

× × × ×

ଧନ୍ୟରେ କଳାପାନ ବବ, ତାରି ପାଇଁ ବହିଗଲା ଅଜ୍ଞ ରକ୍ତ ସ୍ରୋତ ଧାରା ।

× × × ×

(ଶେଷ)

ମୁଦ୍ରାକର—ଶ୍ରୀ ରଘୁନାଥ ନାୟକ,
ସତୀ ପ୍ରେସ, ଫିରିଙ୍ଗି ବଜାର କଟକ—୨